୬ ୨୭ ବର୍ଷ ପରେ ଇରାନୀ କପ୍ ଜିତିଲା ମୁମ୍ବାଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୫୦ ● ୬ ଅକ୍ଟୋବର ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-250 ● 6th October 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24


### ପିଏମ୍ କିଷାନରେ ୯.୪୦ କୋଟି ଚାଷୀଙ୍କୁ ୧୮ତମ କିସ୍ତି ପ୍ରଦାନ

# ଚାଷୀଙ୍କୁ ନବରାତ୍ରୀ ଉପହାର ଦେଲେ ମୋଦି

**ଭୁବନେଶ୍ୱର, ୫।୧୦ : ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମହାରାଷ୍ଟ୍ରର ୱାସିମଠାରେ ପିଏମ କିଷାନ ସମ୍ମାନନିଧିର ୧୮ତମ କିସ୍ତି ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଦେଶର ୯.୪୦ କୋଟି କୃଷକଙ୍କୁ ୨୦ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ହସ୍ତାନ୍ତର କରାଯାଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ଅବସରରେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଚଳିଥିବା ରାଜ୍ୟର କୃଷକ ମାନେ ଡବଲ ଫାଇଦା ପାଉଛନ୍ତି । ଆମ ସରକାରରେ ସବୁ ନିର୍ଣ୍ଣୟ ଓ ନୀତି ବିକଶିତ ଭାରତ ଗଠନକୁ ଆଖି ଆଗରେ ରଖି ଗ୍ରହଣ କରାଯାଉଛି । ଆମର ଏହି ନୀତି ଓ ନିର୍ଣ୍ଣୟ ସମାଜର ବଞ୍ଚିତ ଶ୍ରେଣୀକୁ ଆଗକୁ ବଢ଼ିବା ପାଇଁ ସାହାଯ୍ୟ କରୁଛି ।

ଏହି ଅବସରରେ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ପିଏମ କିଷାନର ୧୮ତମ କିସ୍ତି ପ୍ରଦାନ ଉତ୍ସବକୁ ସାରା ଦେଶ ପିଏମ କିଷାନ ଉତ୍ସବ ଦିବସ ରୂପେ ପାଳନ କରୁଛି । ଏହି ଯୋଜନା ମାଧ୍ୟମରେ ବର୍ଷକୁ ତିନୋଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି । କୃଷକଙ୍କ ବିକାଶ ଓ



ଦାରିଦ୍ର୍ୟ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ସରକାର ଏହି ଯୋଜନା ଆରମ୍ଭ କରିଥିଲେ । ଶନିବାର ୧୮ତମ କିସ୍ତି ପ୍ରଦାନ ଜରିଆରେ ଓଡ଼ିଶାର ୩୧ ଲକ୍ଷ ୫୧ ହଜାର ୭୦୦ ଚାଷୀ ଉପକୃତ ହେଲେ । ପୂର୍ବରୁ ବରଗଡ଼ରୁ ଦିଆଯାଇଥିବା ୧୭ତମ କିସ୍ତିରେ ରାଜ୍ୟର ୨୯ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଥିଲେ । ପିଏମ କିଷାନ ଯୋଜନା ସହିତ ରାଜ୍ୟ ସରକାର ରାଜ୍ୟରେ ସିଏମ କିଷାନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି । ଯେଉଁଥିରେ କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କୁ ଦୁଇଟି କିସ୍ତି ୪ହଜାର ଟଙ୍କା ପ୍ରଦାନ କରାଯାଉଛି । ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ହସ୍ତାନ୍ତର କରାଯାଉଛି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ପିଏମ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଆମର ଲକ୍ଷ୍ୟ । ଏଥି ପାଇଁ ନୂଆଖାଇ ଠାରୁ ଆମେ ଏକ ଦୁଇ ମାସିଆ ସାଚୁରେସନ ଡ୍ରାଇଭ ପ୍ରୋଗ୍ରାମ ଆରମ୍ଭ କରିଛୁ । ପ୍ରତି ବ୍ଲକ ସ୍ତରରେ ଜନ ସେବା କେନ୍ଦ୍ର ସହାୟତାରେ ଚାଷୀ ଭାଇ ମାନେ ସେମାନଙ୍କ ନାମ ପଞ୍ଜିକରଣ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ନିଶୁଳ୍କ ଭାବେ କରିପାରିବେ । ସିଏମ କିଷାନ ପାଇଁ ମଧ୍ୟ ଏଥିରେ ସୁବିଧା ଉପଲବ୍ଧ ରହିଛି । ରବି ଫସଲରେ ପିଏମ କିଷାନ ସହାୟତାକୁ ଫଳପ୍ରଦ ଭାବେ *(ପୃଷ୍ଠା ୭ରେ)*

# ଶିକ୍ଷକମାନେ ହେଉଛନ୍ତି ମଣିଷ ଗଢ଼ା ଶିଳ୍ପୀ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୫।୧୦ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଶନିବାର ୧୬,୦୦୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ଦେଇଛନ୍ତି । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ନିଯୁକ୍ତି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ହସ୍ତାନ୍ତର କରିବା ସହିତ ମାର୍ଗଦର୍ଶନ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଭାରତୀୟ ସାଂସ୍କୃତିକ ପରମ୍ପରାରେ ଗୁରୁଙ୍କୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥାଏ । ସନାତନ ପରମ୍ପରା ଅନୁସାରେ ବିଦ୍ୟାର୍ଥୀମାନେ ଗୁରୁଙ୍କ ଆଶ୍ରମରେ ଶିକ୍ଷା ଗ୍ରହଣ କରୁଥିଲେ । ତେଣୁ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଥାଏ । ଆଜିର ଶିକ୍ଷା ବ୍ୟବସ୍ଥା ଆଧୁନିକତାର ବଶବର୍ତ୍ତୀ ହୋଇଛି । ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ । ଶିଶୁମାନଙ୍କୁ ଏକ ଭଲ ମଣିଷ ଭାବେ ଗଢ଼ିବା ଶିକ୍ଷକମାନେ ଦାୟିତ୍ୱ ନେଇଥାନ୍ତି । ଆପଣମାନେ ହେଉଛନ୍ତି ମଣିଷ ଗଢ଼ା ଶିଳ୍ପୀ ମଣିଷ ଭିତରେ ଦୟା, କ୍ଷମା, ସହନଶୀଳତା ଗୁଣ ରହିଛି । ଶିକ୍ଷକ ହେଉଛି ସବୁଠାରୁ ସମ୍ମାନସ୍ପଦ ବୃତ୍ତି । ବାପା-ମା ପିଲାମାନଙ୍କୁ ଜନ୍ମ ଦେଇଥାନ୍ତି । କିନ୍ତୁ ଶିକ୍ଷକମାନେ ପିଲାମାନଙ୍କୁ ଶିକ୍ଷା ଓ ସଂସ୍କାର ଦେଇ ପୂର୍ଣ୍ଣ ମଣିଷ କରିଥାନ୍ତି ।

କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ବିଷୟ ମନେ କରିଛନ୍ତି । ଏଥି ପାଇଁ ଗତବର୍ଷର ବଜେଟ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ଭଲ ବଜେଟ ଉପସ୍ଥାପନ କରିଛନ୍ତି । ଯଦିଓ ମୁଁ ଆଜି ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛି କିନ୍ତୁ ମୁଁ ଶିକ୍ଷକ ଭାବେ ଅତୀତରେ କାମ କରିଛି । ଶିକ୍ଷକଙ୍କର *(ପୃଷ୍ଠା ୭ରେ)*

## ସେନା ଗୁଳିରେ ଟଳିଲେ ୨ ଆତଙ୍କବାଦୀ



**କୁପ୍‌ୱାଡ଼ା, ୫।୧୦**

ଏନକାଉଣ୍ଟରରେ ଟଳିଲେ ଦୁଇ ଆତଙ୍କବାଦୀ । ଜମ୍ମୁ-କଶ୍ମୀର କୁପ୍‌ୱାଡ଼ା ଜିଲ୍ଲାର ଗୁଗଲଧର ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଛି । ଶୁକ୍ରବାର ଠାରୁ ଗୁଳିବିନିମୟ ଜାରି ରହିଛି । ଶନିବାର ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି । ଏନେଇ ଭାରତୀୟ ସେନାର ଚିନାର କର୍ପସ ସୂଚନା ଦେଇଛି ।

ଶୁକ୍ରବାର ଗୁଗଲଧର ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷା ବାହିନୀ ସୂଚନା ପାଇଥିଲା । ଏହା ପରେ ଏହି ଅପରେସନ ଆରମ୍ଭ ହୋଇଥିଲା । ପୂରା ଅଞ୍ଚଳକୁ ଘେରି ରହିଥିଲା ସୁରକ୍ଷା ବାହିନୀ । ଏହାପରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଯେଉଁଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି । ମୃତ ଆତଙ୍କବାଦୀଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି ।

ଜବତ ହୋଇଥିବା *(ପୃଷ୍ଠା ୭ରେ)*

# ଏକଜିଟ୍ ପୋଲ : ହରିୟାଣାରେ ୧୦ ବର୍ଷ ପରେ ଆସିପାରେ କଂଗ୍ରେସ ସରକାର

**ନୂଆଦିଲ୍ଲୀ, ୫।୧୦**

ଶନିବାର ହରିୟାଣାରେ ଭୋଟ ଗ୍ରହଣ ଶେଷ ହୋଇଛି । ପୂର୍ବରୁ ଜମ୍ମୁ ଓ କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଶେଷ ହୋଇଛି । ଆସନ୍ତା ୮ ତାରିଖରେ ଭୋଟ ଗଣତି ହେବ । ଏବେ ବିଭିନ୍ନ ସର୍ଭେ ସଂସ୍ଥା ପକ୍ଷରୁ ବୁଥବାହୁଡ଼ା ମତ ବା ଏକଜିଟ୍ ପୋଲ ରିପୋର୍ଟ ପ୍ରକାଶ ପାଇଛି । ଅଧିକାଂଶ ଏକଜିଟ ପୋଲ ରିପୋର୍ଟରେ କଂଗ୍ରେସ ୧୦ ବର୍ଷ ପରେ ହରିୟାଣାରେ କ୍ଷମତାକୁ ଆସୁଥିବା ଦର୍ଶାଯାଇଛି । ସେହିପରି ଜମ୍ମୁ ଓ କଶ୍ମୀରରେ ଝୁଲା ବିଧାନସଭା ହେବା ଦେଖାଦେଇଛି ।

ଧ୍ରୁବ ରିସର୍ଚ୍ଚର ସର୍ଭେରେ କଂଗ୍ରେସକୁ ୫୭ ଆସନ ସହ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିଥିବା ବେଳେ ବିଜେପିକୁ ୨୭ଟି ଆସନ ମିଳିଥିବା ଦେଖିବାକୁ ମିଳିଛି । ଅନ୍ୟମାନଙ୍କୁ



ମଧ୍ୟ ସର୍ଭେରେ ୬ଟି ସିଟ ମିଳୁଛି ।

ସେହିପରି ରିପବ୍ଲିକ ଟିଭିର ସର୍ଭେ ଅନୁସାରେ କଂଗ୍ରେସକୁ ୫୫ରୁ୬୨ ଓ ବିଜେପିକୁ ୧୮-୨୪ଟି ଆସନ ମିଳିବାର ସମ୍ଭାବନା ରହିଛି । ମାଟ୍ରିଜର ଏକଜିଟ୍ ପୋଲ ସର୍ଭେ ଅନୁଯାୟୀ ହରିୟାଣାର ୯୦ଟି ବିଧାନସଭା ଆସନରୁ କଂଗ୍ରେସ ପ୍ରାୟ ୫୫ରୁ ୬୨ଟି ଆସନରେ ଆଗୁଆ ରହିଛି । ସର୍ଭେ ଅନୁଯାୟୀ କଂଗ୍ରେସକୁ ୧୮ରୁ ୨୪ ଟି ଆସନ ମିଳିପାରେ । ଏହାବ୍ୟତୀତ ଆଇଏନଏଲଡି+ କୁ ୩ରୁ ୬ଟି ଆସନ ମିଳିଥିବା ବେଳେ ଜେଜେପି ଶୂନରୁ ୩ ଟି ଆସନରେ ଆଗୁଆ ରହିଛି । ଅନ୍ୟମାନଙ୍କୁ ୨ରୁ ୫ଟି ଆସନ ମିଳିପାରେ ।

# ଜମ୍ମୁ ଓ କଶ୍ମୀରରେ କଂଗ୍ରେସ-ଏନସି ମେଣ୍ଟ ଆଗୁଆ

**ନୂଆଦିଲ୍ଲୀ, ୫।୧୦**

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ଏକଜିଟ ପୋଲ ପ୍ରକାଶ ପାଇଛି । ଅଧିକାଂଶ ରିପୋର୍ଟରେ ଜମ୍ମୁ ଓ କଶ୍ମୀରରେ କାହାକୁ ସ୍ପଷ୍ଟ ବହୁମତ ନମିଳିବାର ସମ୍ଭାବନା ରହିଛି । କିନ୍ତୁ ନ୍ୟାସନାଲ କନଫରେନ୍ସ-କଂଗ୍ରେସ ମେଣ୍ଟ ବିଜେପି ତୁଳନାରେ ଆଗୁଆ ରହିବାର ସମ୍ଭାବନା ରହିଛି । ତେବେ ଜମ୍ମୁ ଅଞ୍ଚଳରେ କଂଗ୍ରେସ-ଏନସି ମେଣ୍ଟ ଠାରୁ ବିଜେପି ଆଗୁଆ ରହିବାର ସମ୍ଭାବନା ରହିଛି ।

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଦୈନିକ ଭାସ୍କର ସର୍ଭେ ଅନୁଯାୟୀ, ଜମ୍ମୁ-କଶ୍ମୀରରେ କଂଗ୍ରେସ-ଏନସି ମେଣ୍ଟକୁ ୩୫ରୁ ୪୦ ଟି ଆସନ ମିଳିପାରେ ଏବଂ ବିଜେପିକୁ ୨୦-୨୫ ଟି ଆସନ ମିଳିପାରେ । ସେହିପରି ପିଡିପିକୁ ୪ରୁ ୭ଟି ଆସନ ମିଳିପାରେ ।




ଏହାବ୍ୟତୀତ ୧୨ରୁ ୧୬ଟି ସିଟ ଅନ୍ୟମାନଙ୍କୁ ମିଳିପାରେ ।

ସି-ଭୋଟର ସର୍ଭେ ଅନୁଯାୟୀ, କଂଗ୍ରେସ-ଏନସି ମେଣ୍ଟକୁ ୪୦ରୁ ୪୮ ଆସନ ଓ ବିଜେପିକୁ ୨୭ରୁ ୩୨ ଆସନ ଓ ଅନ୍ୟମାନଙ୍କୁ ୬ରୁ ୧୧ଟି ଆସନ ମିଳିବାର ସମ୍ଭାବନା ରହିଛି । କିନ୍ତୁ ଜମ୍ମୁ ଅଞ୍ଚଳର ୪୩ଟି ଆସନମଧ୍ୟରୁ ବିଜେପି ଏଠାରୁ ୨୭ରୁ ୩୧ଟି ଆସନ ପାଇପାରେ । କଂଗ୍ରେସକୁ ୧୧ରୁ ୧୫ ଟି ଆସନ ମିଳିପାରେ । ପିଡିପିକୁ ୨ଟି ଓ ଅନ୍ୟମାନଙ୍କୁ ଗୋଟିଏ ଆସନ ମିଳିପାରେ ।

ସେହିପରି ସି-ଭୋଟର ସର୍ଭେ ଅନୁଯାୟୀ, କଂଗ୍ରେସ-ଏନସି ମେଣ୍ଟକୁ ୪୦ରୁ ୪୮ ଆସନ ଓ ବିଜେପିକୁ ୨୭ରୁ ୩୨ ଆସନ ଓ ଅନ୍ୟମାନଙ୍କୁ *(ପୃଷ୍ଠା ୭ରେ)*

# ୨୦୦ ଫୁଟ୍ ତଳକୁ ଖସିଲା ବରଯାତ୍ରୀ ବସ୍, ୩୦ ମୃତ



**ପୌଡ଼ି, ୫।୧୦**

ଅଧାରେ ରହିଗଲା ବାହାଘର । ବିବାହ ପୂର୍ବରୁ ଆଖି ବୁଜିଲେ ବରଯାତ୍ରୀ । କନିଆଁ ଘରେ ପହଞ୍ଚିବା ପୂର୍ବରୁ ୨୦୦ ଫୁଟ ଖାଇକୁ ଖସିଗଲା ବରଯାତ୍ରୀ ବସ୍ । ଏଥିରେ ୩୦ ଜଣ ପ୍ରାଣ *(ପୃଷ୍ଠା ୭ରେ)*

# ଆଳୁ ମିଶନ: ୩ ବର୍ଷ ଅବଧି ବଢ଼ାଇଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ରୋଷେଇଶାଳର ଅତି ଗୁରୁତ୍ୱପୂର୍ଣ୍ଣ ପରିବା ଆଳୁ ସଂକଟର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି । ଆଳୁ ମିଶନ ଅବଧିକୁ ୩ ବର୍ଷ ବୃଦ୍ଧି କରିଛନ୍ତି । ଏଥି ସହିତ ରାଜ୍ୟରେ ଆଳୁ ଉତ୍ପାଦନ ବଢ଼ାଇବା ପାଇଁ ଉତ୍ତରପ୍ରଦେଶ ଏବଂ ପଞ୍ଜାବରୁ ବିହନ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି ।

ନୂଆ ଆଳୁ ମିଶନ ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଗତ ସରକାର ଆଳୁ ମିଶନ କରିଥିଲେ, ଯାହା ଫେଲ ମାରିଥିଲା । ବର୍ତ୍ତମାନର ସରକାର ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ଚେଷ୍ଟା କରୁଛନ୍ତି ।



ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯିବ । ଆଗରୁ ବିହନ ସମୟସୀମା ଭିତରେ ଦିଆଯାଉନଥିଲା । ଜାନୁଆରୀରେ ଆଳୁ *(ପୃଷ୍ଠା ୭ରେ)*

## ଅଦାଲତ ଅବମାନନା କରି ଘର ଭାଙ୍ଗିଲେ ନିର୍ମାଣ ନିର୍ଦ୍ଦେଶ ଦିଆଯିବ

**ନୂଆଦିଲ୍ଲୀ, ୫।୧୦**

ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କରି ଯଦି ଅଧିକାରୀ କାହାର ଘର ଭାଙ୍ଗନ୍ତି, ତେବେ ତାଙ୍କୁ ଉକ୍ତ ଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଅଦାଲତଙ୍କ ବିନା ଅନୁମତିରେ ଦେଶରେ କାହାର ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସେପ୍ଟେମ୍ବର ୧୭ରେ ନିର୍ଦ୍ଦେଶ ଦେଇଥିଲେ । ଏହାର ଅବମାନନା କରାଯାଇ ଗୁଜରାଟ କର୍ତ୍ତୃପକ୍ଷ ଜବରଦଖଲ ଉଚ୍ଛେଦ ନାଁରେ ଲୋକଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଥିଲା । ଉକ୍ତ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ପାଇଁ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ପିଟିସନର ଶୁଣାଣି କରି ଜଷ୍ଟିସ ବି.ଆର୍. ଗଭାଇ ଏବଂ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ଏକାଳ ପଖାଳ



ସେଣ୍ଟରରେ ନେତାଙ୍କ ଚିନ୍ତାଟିକେ ବଢେ
ଦେଖି ବୁଥ୍ ବାହୁଡ଼ା ମତ
ହରିଆଣା ଜମ୍ମୁକାଶ୍ମୀରରେ
ଫାଇଟ୍ କରଇ ହାତ
ଛିଡ଼ିବା ଆଗରୁ ଛାତ
ବିଗିଡ଼ା ପାଗକୁ ସଜାଡ଼ି ପାରିଲେ
ବାକି ଦଳଙ୍କୁ ମାରିବ ନାତ ।

# ପାକିସ୍ତାନ ଯାଉଛି, କିନ୍ତୁ କୌଣସି ଦ୍ୱିପାକ୍ଷିକ ଆଲୋଚନା ହେବନାହିଁ : ଜୟଶଙ୍କର

**ନୂଆଦିଲ୍ଲୀ, ୫।୧୦**

ପାକିସ୍ତାନରେ ହେବାକୁ ଥିବା ଏସସିଓ ଅର୍ଥାତ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଭାରତ ଅଂଶଗ୍ରହଣ କରିବ । ଏସସିଓ ଶିଖର ସମ୍ମିଳନୀରେ ଭାରତ ତରଫରୁ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଯୋଗ ଦେବେ । ଯଦିଓ ଏହି ଶିଖର ସମ୍ମିଳନୀ ପାଇଁ ଭାରତ ପାକିସ୍ତାନ ଯାଉଛି, କିନ୍ତୁ ସେଠାକୁ ଯାଇ ପାକିସ୍ତାନକୁ ଦର୍ପଣ ଦେଖାଇବ । ଶନିବାର ଦିନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ସେ ନିଶ୍ଚିତ ଭାବେ ପାକିସ୍ତାନ ଯାଉଛନ୍ତି, କିନ୍ତୁ ଦୁଇ ଦେଶ ମଧ୍ୟରେ କୌଣସି ଦ୍ୱିପାକ୍ଷିକ



ଆଲୋଚନା ହେବ ନାହିଁ । ଅକ୍ଟୋବର ୧୫ ଓ ୧୬ ତାରିଖରେ ପାକିସ୍ତାନ ଏସସିଓର ରାଷ୍ଟ୍ରମୁଖ୍ୟ ପରିଷଦର ବୈଠକ ଆୟୋଜନ କରିବ ।

ଏହି ଗସ୍ତ ଏକ ବହୁରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପାଇଁ ହେବ । ମୁଁ ସେଠାରେ ଭାରତ-ପାକିସ୍ତାନ ସମ୍ପର୍କ ଉପରେ ଆଲୋଚନା କରିବି ନାହିଁ । ମୁଁ ଏସସିଓର ଜଣେ ଭଲ ସଦସ୍ୟ ଭାବରେ ସେଠାକୁ ଯାଉଛି । ପାକିସ୍ତାନ ଯିବା ସମ୍ପର୍କରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଛନ୍ତି, ଏହି ଗସ୍ତ ଏକ ବହୁରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପାଇଁ ହେବ । ମୁଁ ସେଠାରେ ଭାରତ-ପାକିସ୍ତାନ ସମ୍ପର୍କ ଉପରେ ଆଲୋଚନା କରିବି ନାହିଁ । ଆପଣ ଜାଣନ୍ତି ଯେ ମୁଁ ଜଣେ ନମ୍ର ଏବଂ ସଭ୍ୟ ବ୍ୟକ୍ତି, ତେଣୁ ମୁଁ ସେହି ଅନୁଯାୟୀ ଆଚରଣ କରିବି । ପାକିସ୍ତାନରେ ଏହି ବୈଠକ ଚାଲିଛି । ପାକିସ୍ତାନ ଗସ୍ତକୁ ନେଇ ଗଣମାଧ୍ୟମରେ ଆଗ୍ରହ ଦେଖାଦେବ । କିନ୍ତୁ ମୁଁ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ ଏହି ସମୟ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ଆଲୋଚନା ହେବ ନାହିଁ ।

ଏସସିଓ ଶିଖର ସମ୍ମିଳନୀ ପାଇଁ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଅକ୍ଟୋବରରେ ପାକିସ୍ତାନ ଗସ୍ତକରିବେ ବୋଲି ଶୁକ୍ରବାର ଦିନ ଭାରତ ଘୋଷଣା କରିଛି । ପାଖାପାଖି ୯ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ *(ପୃଷ୍ଠା ୭ରେ)*

## ଭରତପୁର ଥାନା ମାମଲା

# ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରକାଶ ପାଇଲା ବିଜ୍ଞପ୍ତି

**ଭୁବନେଶ୍ୱର, ୫।୧୦ : ନ୍ୟୁଜ୍ ବ୍ୟୁରୋ**

ଭରତପୁର ଥାନା ମାମଲାରେ ତଦନ୍ତ ଓ ଆନୁଷଙ୍ଗିକ ବିଷୟରେ ବିଚାର ବିଭାଗୀୟ ତଦନ୍ତ ନିମନ୍ତେ ଆୟୋଗଙ୍କ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଘଟଣା ସମ୍ପର୍କରେ ଯିଏ ଜାଣିଥିବେ ବା କହିବାକୁ ଚାହୁଁଥିବେ, ସେମାନେ ସତ୍ୟପାଠ ଆକାରରେ ଦେଇ ପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଏଥିପାଇଁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରି କରିଛନ୍ତି ଆୟୋଗ ।

ବିଚାର ବିଭାଗୀୟ ତଦନ୍ତ କମିଶନ ଅଧ୍ୟକ୍ଷ ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏହି ମାମଲାର ତଦନ୍ତ କରୁଛନ୍ତି । ଯେକୌଣସି ବ୍ୟକ୍ତି,




ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି, ଯିଏ ବି ଏହି ମାମଲା ସମ୍ପର୍କରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଅବଗତ ଅଛନ୍ତି, ସେମାନେ ସତ୍ୟପାଠ ଦାଖଲ କରିପାରିବେ । ସେହିପରି ସଚେତନ ନାଗରିକ, ପୂର୍ବତନ ପୁଲିସ ଅଧିକାରୀ, ଆଇନଜୀବୀ ପ୍ରମୁଖ କିଭଳି ଏଭଳି ଘଟଣାର ଆଗକୁ ପୁନରାବୃତ୍ତି ନହେବ ଏବଂ ମହିଳାଙ୍କ ସୁରକ୍ଷା ଓ *(ପୃଷ୍ଠା ୭ରେ)*



# ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ:ଲୋକେ ଆତଙ୍କିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଘରୁ ଗାଡ଼ି କାଢ଼ି କୌଣସି କାର୍ଯ୍ୟରେ ଯିବା ଲାଗି ଭୟ କରୁଛନ୍ତି ଲୋକେ । କମିଶନରେଟ୍ ଟ୍ରାଫିକ୍ ପୋଲିସର ଅବସ୍ଥା ଏମିତି ସହରର ଯୁଆଡ଼େ ଯିବ ସିଆଡ଼େ ଟ୍ରାଫିକ୍ ଭିଡ଼ରେ ଫସିବା ନିଶ୍ଚିତ । ଏହି ଭିଡ଼ ଭିତରେ ଜରୁରୀକାଳୀନ ସେବା ଗାଡ଼ି (ଆମ୍ବୁଲାନ୍ସ) ଅଟକି ରହିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଗତ କିଛି ବର୍ଷ ମଧ୍ୟରେ ଟ୍ରାଫିକ୍ ପୋଲିସର ମାନବ ସମ୍ବଳ ଓ ଭିତ୍ତିଭୂମି ବୃଦ୍ଧି ପାଇଛି । ଗୋଟିଏ ଥାନାରୁ ୨ଟି ଥାନାରେ ପହଞ୍ଚିଛି । ଜଣେ ଏସିପି, ୨ ଇନ୍ସପେକ୍ଟର ଓ ଉପାୟୁକ୍ତ ମୁଖିଆ ଭାବେ ରହିଛନ୍ତି । ଏହାପରେ ବି ସୁଧୁରୁନି ସହରର ଟ୍ରାଫିକ୍ ସମସ୍ୟା । ଦିନକୁ ଦିନ ସମସ୍ୟା ବଢୁଛି ସିନା ସୁଧାର ଆସୁନି । ଅଧିକାରୀ ଓ କର୍ମଚାରୀଙ୍କ ମନବଳର ଅଭାବ ଏହାର ମୁଖ୍ୟ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଖାଲଖମା ରାସ୍ତାକୁ ଟ୍ରାଫିକ୍ ଭିଡ଼ରେ ସହରବାସୀ କଲବଲ ହେବା ଦେହସୁହା ହୋଇଛି । ଯାହାଫଳରେ ଦୁର୍ଘଟଣା ବଢ଼ି ଚାଲିଛି । ଅଚିରେ ମୂଲ୍ୟବାନ ଜୀବନ ଚାଲି ଯାଉଛି । ଟ୍ରାଫିକ୍ ପରିଚାଳନାକୁ ପ୍ରାଧାନ୍ୟ ଦିଆଯାଉଥିବା ସହରୀ ପୋଲିସ ପାଇଁ ଭାଷଣବାଜି ହୋଇଛି । ପାର୍ବଣରେ ସହରବାସୀ ଟ୍ରାଫିକ୍ ଯନ୍ତ୍ରଣା ଭୋଗିବା ଜଳ ଜଳ ହୋଇ ଦିଶୁଛି । ରାଜଧାନୀର ପରିସୀମା ବଢ଼ିବା ସାଙ୍ଗକୁ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ସେହି ତୁଳନାରେ ଗାଡ଼ି ମୋଟର ସଂଖ୍ୟା ବଢ଼ିଛି । ଏହାକୁ ଦୃଷ୍ଟିରେ ରଖି ସରକାର ରାସ୍ତାର ସୁଦୃଢ଼ କରିବା ସହ ଟ୍ରାଫିକ୍ ଥାନା ଓ କର୍ମଚାରୀଙ୍କ ସଂଖ୍ୟାରେ ବୃଦ୍ଧି କରିଛନ୍ତି । ସହରରେ ଟ୍ରାଫିକ୍ ସମସ୍ୟା ଦୂର ଲାଗି ଭୁବନେଶ୍ୱରରୁ କଟକ ଜାତୀୟ ରାଜପଥରେ ଓଭରବ୍ରିଜ୍ ନିର୍ମାଣ ହୋଇଛି । ଓଭରବ୍ରିଜ୍‌ରେ ଭାରୀଯାନ ଯାତାୟାତ କରୁଛି । ଏହାପରେ ମଧ୍ୟ ରାଜଧାନୀର ଟ୍ରାଫିକ୍ ସମସ୍ୟାରେ ସୁଧାର ନଆସିବା ପାଇଁ ଦାୟୀ କିଏ ? ଏଥିପ୍ରତି ଟ୍ରାଫିକ୍ ପୋଲିସର ନିଘା ନଥିବା ଅଭିଯୋଗ ହେଉଛି । ବେଆଇନ୍ ପାର୍କିଂ ଟ୍ରାଫିକ୍ ସମସ୍ୟାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଯିଏ ଯେଉଁଠି ପାରିଲା ସେଠାରେ ଗାଡ଼ି ରଖି ନିଜ କାମରେ ପଳାଉଛି । ଅନ୍ୟପକ୍ଷରେ ଗାଡ଼ି ରହଣି (ପାର୍କିଂ) ପାଇଁ ସ୍ଥାନ ନଥିବାବେଳେ ସପିଂମଲ୍ ଓ ସୋ' ରୁମ୍ ଖୋଲାଯିବା ଟ୍ରାଫିକ୍ ସମସ୍ୟାର ଆଉ ଏକ ପ୍ରମୁଖ କାରଣ ହୋଇଛି । ପାର୍କିଂ ଲାଗି ସ୍ଥାନ ଥାଉକି ନଥାଉ ଦୋକାନ ବଜାର ଖୋଲିବା ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନୁମତି ପତ୍ର ଦେଇଦେଉଛି । ଗ୍ରାହକ ରାସ୍ତା ଉପରେ ଗାଡ଼ି ରଖିବା ପାଇଁ ମଧ୍ୟ ଅଘୋଷିତ ସହମତି ଦେଉଛି । ଏଥିରୁ ବିଏମ୍‌ସି କିଛି ଟିକସ ପାଇ ଯାଉଛି । ନିଜର ଆୟ ବଢ଼ାଇବା ଲାଗି ସହରବାସୀଙ୍କୁ ସେବା ଯୋଗାଇବା ବଦଳରେ ବିଏମ୍‌ସି ଟ୍ରାଫିକ୍ ଯନ୍ତ୍ରଣା ଭଳି ଜଟିଳ ବୋଝକୁ ଲଦି ଦେଉଛି । ଅନ୍ୟପଟେ ସବୁ ଜାଣିଶୁଣି ଟ୍ରାଫିକ୍ ପୋଲିସ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ମନ୍ଦ ଉଦ୍ଦେଶ୍ୟକୁ ପ୍ରତିପାଦିତ କରୁଛି । ଟ୍ରାଫିକ୍ ଉପାୟୁକ୍ତ ତାପସ ଦାସ କହିଛନ୍ତି, ଭିଡ଼ ସୃଷ୍ଟି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯାହାର ପାର୍କିଂ ପାଇଁ ସ୍ଥାନ ନଥିବ ସମ୍ପୃକ୍ତ ସପିଂମଲ୍ ଅନୁମତି ବାତିଲ୍ କରିବାକୁ ବିଏମ୍‌ସିକୁ ପୋଲିସ ଚିଠି ଲେଖିବ ।






# ଯୋଜନାର କାର୍ଯ୍ୟାନ୍ୱୟନ ଓ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ସାଂସଦଙ୍କ ପରାମର୍ଶ

**କଟକ, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମସଡକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଇତ୍ୟାଦି ବିଷୟବସ୍ତୁ ଉପରେ ସୁବିସ୍ତୃତ ଆଲୋଚନା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆହୁତ ପ୍ରଥମ ଜିଲ୍ଲା ଉନ୍ନୟନ,ସମନ୍ୱୟ ଓ ତଦାରଖ କମିଟି ବୈଠକରେ ଅଧ୍ୟକ୍ଷତା କରି କଟକର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଯୋଜନା ଗୁଡିକର କାର୍ଯ୍ୟାନ୍ୱୟନ ଓ ତୃଣମୂଳସ୍ତରରେ ରୂପାୟନ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ଜନପ୍ରତିନିଧି ଓ ସର୍ବସାଧାରଣ ଅବଗତ ହେବା ଆବଶ୍ୟକ । ସମୀକ୍ଷା ପୂର୍ବକ ଉପରିକତା ଯୋଜନାଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ସହ ସଂପୃକ୍ତ ପ୍ରଶାସନିକ ଅଧିକାରୀ ମାନେ ତତ୍ପରତାର ସହିତ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଭାବରେ କାର୍ଯ୍ୟକାରୀ କଲେ ସାମଗ୍ରିକ ଅଭିବୃଦ୍ଧି ପରିଲକ୍ଷିତ ହୋଇପାରିବ ବୋଲି ଶ୍ରୀ ମହତାବ ଆଶା ପୋଷଣ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରି ସର୍ବେକ୍ଷଣ କରାଯିବା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଠିକ୍ ଉପଯୋଗୀତା ଏବଂ କ୍ଷତିଗ୍ରସ୍ତ ହେଉଥିବା ଅଞ୍ଚଳ ଗୁଡିକରେ ଯୋଜନା ଅନ୍ତର୍ଗତ ଚାଷିମାନଙ୍କୁ ବୀମାଗତ ଲାଭ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବା ଏବଂ ସମସ୍ତ ଯୋଜନାର ହିତାଧିକାରୀ ସଂଖ୍ୟାକୁ ବଢାଇବା ଉପରେ ସମୀକ୍ଷା ପୂର୍ବକ ମତବ୍ୟକ୍ତ କରିଥିଲେ । ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ଯେଉଁ ଗ୍ରାମ୍ୟରାସ୍ତା ଗୁଡିକ ଏହାର ପରିସର ଭୁକ୍ତ ହୋଇନାହିଁ ସେଗୁଡିକୁ ପରିସର ଭୁକ୍ତ କରିବା ସହ ଅନ୍ୟାନ୍ୟ ଯୋଜନା ଗୁଡିକର ସର୍ବେକ୍ଷଣ ପୂର୍ବକ ନୂତନ ହିତାଧିକାରୀ ଚୟନ କରିବାକୁ ସେ ବୈଠକରେ ମତବ୍ୟକ୍ତ କରିଥିଲେ । ବୈଠକରେ ଯୋଗଦେଇ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ କହିଲେ ଯେ, ଉପଯୁକ୍ତ ସମନ୍ୱୟ ଓ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ଅଞ୍ଚଳର ବିକାଶ ପାଇଁ ଆମେ ସମସ୍ତେ ପ୍ରୟାସ ଜାରି ରଖିବା ସହ ଉପରୋକ୍ତ ଯୋଜନା ଗୁଡିକର ଅଗ୍ରାଧିକାର ଭିତ୍ତିରେ ଓ ସମୟ ସୀମା ମଧ୍ୟରେ କାର୍ଯ୍ୟ କିପରି ସମାପନ ହୋଇପାରିବ ସେଥିପାଇଁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ମାନେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ବୈଠକରେ ମତବ୍ୟକ୍ତ କରିଥିଲେ ।

# ମାନବାଧିକାର ଉଲ୍ଲଂଘନ ରୋକିବା ନେଇ ଗୁରୁତ୍ୱାରୋପ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ଜିଲ୍ଲାସ୍ତରୀୟ ଓଭରସାଇଟ୍ କମିଟିର ଏକ ବୈଠକ ରାଜସ୍ୱ ଆୟୁକ୍ତ, ଉତ୍ତରାଞ୍ଚଳ, ସମ୍ବଲପୁର ସଚିନ ରାମଚନ୍ଦ୍ର ଜାଧଭଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ପରିଷଦ ସଭାପତିଙ୍କ ସମେତ ୧୨ଟି ଜିଲ୍ଲାର ଅନ୍ୟ ନିମନ୍ତ୍ରିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଅନୁଗୁଳ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସାମିଲ୍ ହୋଇଥିଲେ । ଥାନାଗୁଡ଼ିକରେ ସମ୍ଭାବ୍ୟ ମାନବାଧିକାର ଉଲ୍ଲଂଘନ ରୋକିବା ପାଇଁ ହାଇକୋର୍ଟଙ୍କ ଆଦେଶ କ୍ରମେ ଶ୍ରୀ ଜାଧଭ ୨୦୨୪ର ଡବ୍ଲ୍ୟୁପି(ସି) ନଂ ୨୩୭୩୫ରେ, ୨୦୨୦ର ସ୍ୱତନ୍ତ୍ର ଲିଭ ପିଟିସନ୍ (କ୍ରିମିନାଲ୍) ନଂ ୩୫୪୩ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ବିଭିନ୍ନ ସର୍ତ୍ତାବଳି ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ରାଜସ୍ୱ ବିଭାଗୀୟ କମିଶନର, ଉତ୍ତରାଞ୍ଚଳ, ସମ୍ବଲପୁର ଜିଲ୍ଲାର ସମ୍ପୃକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ସିସିଟିଭିର ନିରନ୍ତର ତଦାରଖ, ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ମାନେ ଥାନା ପରିଦର୍ଶନ ସମୟରେ ଏହାର ତଦାରଖ କରିବା ସହିତ ମାସିକ ରିପୋର୍ଟ ଜିଲ୍ଲାସ୍ତରୀୟ ଓଭରସାଇଟ୍ କମିଟିକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାଦ୍ୱାରା ପ୍ରତି ମାସରେ ରାଜ୍ୟସ୍ତରୀୟ ଓଭରସାଇଟ୍ କମିଟିକୁ ରିପୋର୍ଟ ପ୍ରଦାନ କରାଯିବ । ସମସ୍ତ ଥାନାରେ ଅଡିଓ ଭିଡ଼ିଓ ସୁବିଧା ସହ ସିସିଟିଭି ଲଗାଇବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ନାମା ଜାରି କରିଥିବାରୁ କ୍ୟାମେରାର ଉପଯୁକ୍ତ ଓ ନିରନ୍ତର ରକ୍ଷଣାବେକ୍ଷଣ ଏବଂ ଥାନାରେ ଘଟଣାର ରେକର୍ଡିଂ ପାଇଁ କମିଟିରେ ନିଷ୍ପତ୍ତି ନିଆଯାଇଥିଲା । ଅତ୍ୟାଧୁନିକ ଯୁଗରେ ବୈଜ୍ଞାନିକ ଉପକରଣ ସ୍ଥାପନ କରି ଥାନାକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଆରକ୍ଷୀ ଅଧୀକ୍ଷକ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଥାନା ଗୁଡ଼ିକରେ ଘଟୁଥିବା ଘଟଣାର ରେକର୍ଡିଂ ନିରନ୍ତର ତଦାରଖ ଦ୍ୱାରା ମାନବାଧିକାର ଉଲ୍ଲଂଘନ ଇତ୍ୟାଦିକୁ ନିୟନ୍ତ୍ରଣ ଓ ନିଷିଦ୍ଧ କରାଯାଇପାରିବ ବୋଲି କମିଟିର ସଦସ୍ୟ ମାନେ ସର୍ବ ସମ୍ମତିକ୍ରମେ ମତବ୍ୟକ୍ତ କରିଥିଲେ । ଶେଷରେ ଜିଲ୍ଲାରେ ନିୟମିତ ଭାବେ ବୈଠକ ଆୟୋଜନ କରି ରିପୋର୍ଟ ପ୍ରଦାନ କରିବାକୁ କମିଟି ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ ।




# ନବାଗତ ଛାତ୍ରଛାତ୍ରୀଙ୍କୁ ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ସୂଚନା ପ୍ରଦାନ

**ଖଲ୍ଲିକୋଟ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍‌ବୋଧନ ମୂଳକ କାର୍ଯ୍ୟକ୍ରମ 'ଆଗମନ' ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୌରୋହିତ୍ୟ ତଥା କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ରଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ଏବଂ ସ୍ୱାଗତ ସଙ୍ଗୀତ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟଅତିଥି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପଦ୍ମିନୀ ସାହୁ ଛାତ୍ରଛାତ୍ରୀଙ୍କୁ ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ । ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡକ୍ଟର ବିଭୂତି ପ୍ରସାଦ ବାରିକ ବିଭାଗ ମୁଖ୍ୟ ଡକ୍ଟର ସୁଶୀଲ କୁମାର ରାଠୋର ଜାତୀୟ ଶିକ୍ଷାନୀତି- ୨୦୨୦ ଅନ୍ତର୍ଗତ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ନୂତନ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ । ବିଭାଗର ଅନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଏ ସମ୍ପର୍କରେ ନବାଗତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍ନାତକୋତ୍ତର ଦ୍ୱିତୀୟ ବାର୍ଷିକ ଛାତ୍ରୀ ପ୍ରୀତି ଓ ଧନ୍ୟବାଦ ଅର୍ପଣ କରିଥିଲେ ସ୍ନାତକୋତ୍ତର ଦ୍ୱିତୀୟ ବାର୍ଷିକ ଛାତ୍ରୀ ଦିବ୍ୟା । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିବା ସହ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ନୟାଗଡ଼ ସହରରେ ଗାଡ଼ି ରହଣି ବ୍ୟବସ୍ଥା ନାହିଁ, ପ୍ରଶାସନ ନିରବ

**ନୟାଗଡ଼, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ସହରର ଲୋକସଂଖ୍ୟା ବଢୁଥିବା ବେଳେ ସେହି ତୁଳନାରେ ଯାନବାହନ ସଂଖ୍ୟା ବଢ଼ି ଚାଲିଛି । ବାଣିଜ୍ୟ ବ୍ୟବସାୟ ପାଇଁ ବହୁ ଲୋକ ସହର ଉପରେ ନିର୍ଭର କରୁଥିବା ବେଳେ ଏଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକୁ ଦୈନିକ ଶତାଧିକ ଲୋକ ଆସିଥାନ୍ତି । ସହରରେ ଗାଡ଼ି ରହଣି ବ୍ୟବସ୍ଥା ନଥିବାରୁ ଲୋକେ ଗାଡ଼ି ଗୁଡ଼ିକୁ ରାସ୍ତା କଡ଼ରେ ରଖିବାକୁ ବାଧ୍ୟ ହେଉଛନ୍ତି । ସହରର କଚେରୀ ବଜାର, କଲେଜ ରୋଡ, ରାଜୀବ ମାର୍କେଟ୍ ଅଞ୍ଚଳ, ଗୋଲେଇ ଛକ ଠାରୁ ସିନ୍ଦୂରିଆ ବଜାର ଏବଂ ଖଣ୍ଡପଡ଼ା ଆର୍‌ସିଏମ୍ଏସ୍ ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଯାନବାହନ ଭିଡ଼ ରହୁଛି । ପଠାଣୀ ସାମନ୍ତ ସଂସ୍କୃତି ଭବନ ସମ୍ମୁଖ ସ୍ଥାନଟି ପୌରପରିଷଦ ଅଧିନରେ ଥିବାବେଳେ ତାହାକୁ ତାରବାଡ଼ ଦେଇ ଚୁପ୍ ବସିଛି ପୌର ପରିଷଦ । ରାସ୍ତାରେ ଭାରିଯାନ ଯିବା ଆସିବା କରିଲା ବେଳେ ରାସ୍ତାଜାମ୍ ଭଳି ସମସ୍ୟା ବଢୁଛି । ଗାଡ଼ି ରହଣି ସ୍ଥଳ କରିବା ଲାଗି ଦୀର୍ଘ ୧୦ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ତାହା ପୂରଣ ହୋଇପାରୁନି । ପୁରୁଣା ଜେଲ୍ ସ୍ଥାନରେ ଗାଡ଼ି ରହଣି ସ୍ଥଳ କରାଗଲେ ଏହା ସହରର କେନ୍ଦ୍ର ସ୍ଥଳ ହୋଇଥିବାରୁ ଗାଡ଼ି ଗୁଡ଼ିକ ସୁବିଧାରେ ରହିପାରିବ ବୋଲି ଲୋକମାନେ ମତ ରଖୁଛନ୍ତି । ଏଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଗାଡ଼ି ରହଣି ସ୍ଥଳ ନିର୍ମାଣ କରିବା ଦିଗରେ ବ୍ୟବସ୍ଥା ଗ୍ରହଣ କରିବାକୁ ଆଇନଜୀବୀ ନୃସିଂହ ପଟ୍ଟନାୟକ, ଜିତୁ ପଟ୍ଟନାୟକ, ମନୋଜ ନାୟକ, ସନ୍ତୋଷ ରାଉତରା ପ୍ରମୁଖ ଦାବି କରିଛନ୍ତି ।

# ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମାରକୀ ଓ ପ୍ରଶଂସାପତ୍ର ପ୍ରଦାନ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୪ ପାଳନ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ଦାସ ଓ ମୁଖ୍ୟ ବକ୍ତା ଭାବେ ବିଜୟ କୁମାର ବେହେରା ଭାବେ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମର ଆୟୋଜକ ତଥା ନାରାୟଣ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକଙ୍କ ପାଇଁ ଆର୍ଟ ଅଫ୍ ଲିଭିଙ୍ଗର ଯୋଗ ଗୁରୁ କୌଶିକ ସାହୁଙ୍କ ଦ୍ୱାରା ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବଲ୍ ଫିଙ୍ଗି ବାଲ୍ଟିରେ ପକାଇବା, ପାଣି ସନ୍ତୁଳନ, ପୌରାଣିକ କଥା, ଇତିହାସ ଏବଂ ସାମ୍ପ୍ରତିକ ଘଟଣାବଳୀ ଉପରେ କୁଇଜ୍ ଭଳି ମଜାଳିଆ ଖେଳ ଆୟୋଜିତ ହୋଇଥିଲା । ଅର୍ଥୋପେଡିକ୍, ଦନ୍ତ ଚିକିତ୍ସକ ଏବଂ ମେଡିସିନ୍ ବିଶେଷଜ୍ଞମାନଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଏଥିସହିତ ୧୦୦ ବର୍ଷରୁ ଅଧିକ ବୟସର ଜଣେ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନଙ୍କୁ ସ୍ମାରକୀ ଏବଂ ପ୍ରଶଂସାପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଫୁଲ, ଚନ୍ଦନ ଏବଂ ଉତ୍ତରୀୟ ପ୍ରଦାନ କରି କୃତଜ୍ଞତା ଜ୍ଞାପନ କରାଯାଇଥିଲା ଏବଂ ମନୋବିକାଶ ବିଶେଷ ବିଦ୍ୟାଳୟର ବଧିର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହାପରେ ଜିଲ୍ଲା ପ୍ରଶାସନ ଏବଂ ବରିଷ୍ଠ ନାଗରିକ ସଂଘ ସହିତ ଏକ ସଚେତନତା ବୈଠକ ଆୟୋଜିତ ହୋଇଥିଲା । ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଯଥା ସାମାଜିକ ସୁରକ୍ଷା ନିମନ୍ତେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ । ଏଥିସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଯୋଜନାଗୁଡିକ ସହଜରେ ଯେପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ରହିଛି ବୋଲି ମଞ୍ଚାସୀନ ଅତିଥିମାନେ ଦୃଢୋକ୍ତି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଶ୍ୟାମ ସୁନ୍ଦର ଦାସ, ପ୍ରଦୀପ୍ତ କିଶୋର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁନୀଲ କୁମାର ଦାଶ, ଜୟନ୍ତ କୁମାର ପଟ୍ଟନାୟକ ଏହି ସାଧାରଣ ସଭାରେ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



# ସର୍ବସାଧାରଣଙ୍କ ପାଇଁ ଖୋଲିଲା ମନ୍ମଥ-ମନୋଜ ସ୍ମାରକୀ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଶଙ୍ଖାରି ସ୍ଥିତ ମନ୍ମଥ-ମନୋଜ ସ୍ମାରକୀକୁ ଜନସାଧାରଣଙ୍କ ନିମନ୍ତେ ଆନୁଷ୍ଠାନିକ ଭାବେ ଖୋଲାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ମନ୍ମଥ-ମନୋଜ ସ୍ମାରକୀ ପରିସର ପ୍ରତି ଦିନ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବ । କେବଳ ସୋମବାର ଦିନ ରକ୍ଷଣାବେକ୍ଷଣ ନିମନ୍ତେ ଏହା ବନ୍ଦ ରହିବ । ଏହି ପରିସର ମଧ୍ୟରେ ଥିବା ସ୍ମାରକୀ ସଂଗ୍ରହାଳୟ ଏବଂ ପାଠାଗାର ଉକ୍ତ ଦିନ ଗୁଡିକରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ୩୦ମି ସମୟ ପର୍ଯ୍ୟନ୍ତ ଖୋଲା ରହିବ । ସାଂସ୍କୃତିକ ସଚେତନତା ଓ ସ୍ଥାନୀୟ ଐତିହ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମନ୍ମଥ-ମନୋଜ ସ୍ମାରକୀ ପରିସରକୁ ପ୍ରବେଶ ସମସ୍ତ ଦର୍ଶକଙ୍କ ପାଇଁ ମାଗଣା ରହିବ । ସ୍ମାରକୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଦର୍ଶକଙ୍କ ଠାରୁ ୧୦ ଟଙ୍କା ଆଦାୟ କରାଯିବ । ଏଠାରେ ପ୍ରକାଶଥାଉକି, ଗତ ଫେବୃୟାରୀ ୨ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ମନ୍ମଥ-ମନୋଜ ସ୍ମାରକୀର ଶୁଭଉଦ୍ଘାଟନ କରାଯାଇଥିଲା । ସମୁଦାୟ ପ୍ରକଳ୍ପ ମୂଲ୍ୟ ୧୫ କୋଟିରୁ ଉର୍ଦ୍ଧ୍ୱରେ ଏହି ଐତିହାସିକ ସ୍ମାରକୀର ନିର୍ମାଣ କରାଯାଇଛି । ଏହି ସ୍ମାରକୀର ସୁପରିଚାଳନା ନିମନ୍ତେ ଭୋଗରାଇ ବ୍ଲକ ପ୍ରଶାସନକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହି ଅବସରରେ ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ 'ସ୍ୱଚ୍ଛତା ହିଁ ସେବା' ଅନ୍ତର୍ଗତ ଏକ ସାଧାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ରଣପୁରର ଐତିହ୍ୟ ସ୍ଥଳ

**ରଣପୁର, ନ୍ୟୁଜ୍ ବ୍ୟୁରୋ**

ପୁରୀ ଭଳି ରଣପୁରରେ ରହିଛି ବହୁପୁରାତନ ମଠ ଓ ଜଗନ୍ନାଥ ମନ୍ଦିର । କେବଳ ଜଗନ୍ନାଥ ମନ୍ଦିର କି ମଣିନାଗ ପାହାଡ଼ ନୁହେଁ ଏଠାରେ ରହିଛି ବହୁ ଐତିହ୍ୟ । ଏହି ଐତିହ୍ୟ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବାବେଳେ ଏହାର ପୁନରୁଦ୍ଧାର ପ୍ରତି ପ୍ରଶାସନ ଧ୍ୟାନ ଦେଉନାହିଁ । ସୂଚନାଯୋଗ୍ୟ ଯେ, କିମ୍ବଦନ୍ତୀ ଓ ଇତିହାସରୁ ଜଣାପଡ଼େ ୬୦୦ ବର୍ଷ ତଳେ ରଣପୁର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରେ ତତ୍କାଳୀନ ରଣପୁରର ୧୦୪ ତମ ରାଜା ଉଦ୍ଧବ ନରେନ୍ଦ୍ର ସିଂହ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୭ ଏକର ପରିମିତ ଜାଗାରେ ନରେନ୍ଦ୍ର ପୋଖରୀ ଖୋଳିବା ସହ ତା'ମଧ୍ୟରେ ଚନ୍ଦନପୋଖରୀ ଓ ମଣ୍ଡପ ନିର୍ମାଣ କରିଥିଲେ । ରଣପୁରର ଐତିହ୍ୟ ଓ ଗୌରବ ବହନ କରୁଥିବା ଏହି ନରେନ୍ଦ୍ର ପୋଖରୀରେ ଦୈନିକ ରଣପୁରର ୮ଟି ସାହିର ଜନସାଧାରଣ ଓ ସ୍ଥାନୀୟ ବ୍ୟବସାୟୀ ସ୍ନାନାଦି କାର୍ଯ୍ୟ କରିଥାନ୍ତି । ପୁରୀ ନରେନ୍ଦ୍ର ପୋଖରୀ ଭଳି ଏହି ଐତିହ୍ୟ ଅର୍ଥାଭାବରୁ ବିକାଶ ହୋଇପାରିନଥିବା ଜଣାପଡ଼ିଛି । ଏହାକୁ ପର୍ଯ୍ୟଟନକ୍ଷେତ୍ର ଭାବେ ପରିଣତ କରାଯିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ପ୍ରଶାସନ ଓ ସରକାରଙ୍କ ପର୍ଯ୍ୟଟନ ବିଭାଗ ନିକଟରେ ଦାବି କରି ଆସୁଛନ୍ତି । ଐତିହ୍ୟର ବିକାଶ ନିମନ୍ତେ ପର୍ଯ୍ୟଟନ ବିଭାଗ ସମସ୍ତ ବିକାଶ କାର୍ଯ୍ୟ ନିମନ୍ତେ ଅର୍ଥ ପ୍ରଦାନ କରିବ ଏବଂ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିବ ବୋଲି ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ । ସେହିଭଳି ମଣିନାଗ ପୀଠ ଓ ନରେନ୍ଦ୍ର ପୋଖରୀକୁ ନୂତନ ରୂପ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଇତିମଧ୍ୟରେ ନୂତନ ସରକାର ଗଠନ ହୋଇଥିଲେ ମଧ୍ୟ ଅଦ୍ୟାବଧି ରଣପୁରର କୌଣସି ଐତିହ୍ୟର ପୁନରୁଦ୍ଧାର ସହ ବିକାଶ ହୋଇନି ଓ ପର୍ଯ୍ୟଟନସ୍ଥଳ ମାନ୍ୟତା ମିଳିନି । ଏନ୍‌ଏସି ଅଧିକାରୀ ରଞ୍ଜନ ଦାସ କହିଛନ୍ତି, ନରେନ୍ଦ୍ର ପୋଖରୀ ନିକଟରେ ଏକ ଶୌଚାଳୟ ସହ ମଣିନାଗ ନିକଟରେ ପାର୍କ ନିର୍ମାଣ ଉଦ୍ଦେଶ୍ୟରେ ଅର୍ଥ ମଞ୍ଜୁର ହୋଇଛି । ରଣପୁରର ଗର୍ବ ଓ ଗୌରବ ବହନ କରୁଥିବା ସମସ୍ତ ଐତିହ୍ୟର ବିକାଶ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତପ୍ରକାଶ ପାଇଛି ।



# ଦଶହରା ପୂର୍ବରୁ ରାସ୍ତା ମରାମତି ପାଇଁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ସହର ପୂର୍ବାଞ୍ଚଳ ଓ ସଦର ନିର୍ବାଚନମଣ୍ଡଳୀ ଅଞ୍ଚଳରେ ସଂପ୍ରତି ପାର୍ବଣ ଋତୁ ଗଣେଶ ପୂଜା ଠାରୁ ଆରମ୍ଭ ହୋଇଯାଇଛି । କଟକ ସହର ସମେତ କଟକ ସଦର ନିର୍ବାଚନ ମଣ୍ଡଳୀରେ ମଧ୍ୟ ଦୁର୍ଗାପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ସମେତ କଟକ ସହରରେ ଐତିହାସିକ ବାଲିଯାତ୍ରା ହୋଇଥାଏ । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଲୋକେ କଟକ ସହରକୁ ଆସିଥାନ୍ତି ଏବଂ ମେଢ଼ ଶୋଭାଯାତ୍ରା ମଧ୍ୟ ନିଜ ନିଜ ଅଞ୍ଚଳର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିଥାଏ । ମାତ୍ର କଟକ ସହର ସମେତ ସଦର ନିର୍ବାଚନ ମଣ୍ଡଳୀରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ରାସ୍ତା ଗୁଡ଼ିକର ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣାମାନ ମଧ୍ୟ ଘଟୁଛି । ଏହି ପ୍ରସଙ୍ଗରେ କଂଗ୍ରେସ ଦଳ ପକ୍ଷରୁ କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଓଏମ୍‌ପି ଛକ ନିକଟସ୍ଥ ଆର୍‌ଏଣ୍ଡବି କଟକ ବିଭାଜନ-୨ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଦଶହରା ପୂର୍ବରୁ କଟକ ସହର ସମେତ ସଦର ନିର୍ବାଚନ ମଣ୍ଡଳୀର ଗୋପାଳପୁର, ବୟାଳିଶମୌଜା, କନ୍ଦରପୁର ଇତ୍ୟାଦି ଅଞ୍ଚଳରେ ରାସ୍ତା ମରାମତି କାମ ତୁରନ୍ତ ସାରିବାକୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଦଶହରା ପୂର୍ବରୁ ସମସ୍ତ ମୁଖ୍ୟ ସଡ଼କ ଗୁଡ଼ିକର ମରାମତି କାମ ସମାପନ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ଶିଶିର ରଥ ଓ ମନୋଜ ବିଶ୍ୱାଳ, କଟକ ନଗର (ଜିଲ୍ଲା) କଂଗ୍ରେସର ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସର ପ୍ରାକ୍ତନ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, କଟକ ନଗର ଯୁବ କଂଗ୍ରେସ ସଭାପତି ଆଡ୍‌ଭୋକେଟ୍ ଡ଼ ବିପ୍ଳବ ଶିଳାଦିତ୍ୟ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ୍, ପ୍ରଦେଶ ଲିଗାଲ୍ ସେଲ୍ କର୍ମକର୍ତ୍ତା ବିଶ୍ୱରଂଜନ ମହରଥା, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଯୁବନେତା ପ୍ରତ୍ୟୁଷ ସାହୁଙ୍କ ସମେତ ସର୍ବଶ୍ରୀ ରାଜେଶ ସ୍ୱାଇଁ, କାଳନ୍ଦୀ ଖୁଣ୍ଟିଆ, ବିକି ଜେଠୀ, ନିହାର ନନ୍ଦ, ଋଷି କାଣ୍ଡି, ସୀତାକାନ୍ତ ପଣ୍ଡା, ରଜନୀ ବସ୍ତିଆ, ବିଭୂତି ଦ୍ୱିବେଦୀ, ସୁବ୍ରତ ସ୍ୱାଇଁ, ଉମେଶ ଛାଟୋଇ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ନୂତନ ଟାଉନ୍ ହଲ୍, ସୁବର୍ଣ୍ଣପୁର ଠାରେ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯୋଗ ଶିବିର, ସ୍ୱାସ୍ଥ୍ୟ ଶିବିର ପ୍ରଭୃତି ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର କୁମୁଦିନୀ ମୁଦୁଲି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୁପା ରଥ, ସାଇବର ଥାନା ପୋଲିସ ନିରୀକ୍ଷକ ଭାରତୀ ନାଏକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ । ମୁଖ୍ୟଅତିଥି ବିଧାୟକ ବରିଷ୍ଠ ନାଗରିକଙ୍କୁ ସମାଜର ପ୍ରତିଟି ସ୍ତରରେ ଓ କ୍ଷେତ୍ରରେ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ, ସେ କହିଲେ ଯେ ବରିଷ୍ଠ ନାଗରିକ ଆମ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଓ ପଥପ୍ରଦର୍ଶକ, ସେମାନଙ୍କ ସୁରକ୍ଷା ତଥା ସୁସ୍ଥ ଓ ନିରାମୟ ଜୀବନ ଆମ ସମାଜ ନିମନ୍ତେ ଅତୀବ ଗୁରୁତ୍ୱପୂର୍ଣ୍ଣ । ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ରହିଥିବା ଆଇନ୍ ସୁରକ୍ଷା ଉପରେ ସୂଚୀତ କରିଥିଲେ, ସେହିପରି ସାଇବର ପୋଲିସ ନିରୀକ୍ଷକ ବଲାଙ୍ଗୀର ଭାରତୀ ନାଏକ, ବରିଷ୍ଠ ନାଗରିକ ସାଇବର ଠକାମିରୁ ବର୍ତ୍ତିବା ପାଇଁ ଆବଶ୍ୟକ ସଚେତନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ସୁସ୍ଥ ଓ ନିରାମୟ ଜୀବନ ନିମନ୍ତେ ଆବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଡା. ସ୍ୱାଇଁ ବକ୍ତବ୍ୟ ଦେଇଥିଲେ । ଉପଜିଲ୍ଲାପାଳ ସୋନପୁର ବରିଷ୍ଠ ନାଗରିକଙ୍କ ସୁସ୍ଥ ଓ ନିରୋଗ ଜୀବନ ଯାପନ ନିମନ୍ତେ ଆବଶ୍ୟକ ସୂଚନା ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବରିଷ୍ଠ ନାଗରିକଙ୍କ ନିମନ୍ତେ ଉପଲବ୍ଧ ସରକାରୀ ଯୋଜନା ଗୁଡିକର ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବରିଷ୍ଠ ନାଗରିକ ସଂଘ, ସୋନପୁର ତଥା ଅନ୍ୟାନ୍ୟ ବ୍ଲକ ସ୍ତରୀୟ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକର୍ତ୍ତା ତଥା ବରିଷ୍ଠ ନାଗରିକ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟଅତିଥି ବିଧାୟକଙ୍କ କରକମଳରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ନାଗରିକ ଗୋରେଖ ନାଥ ସାହୁ ଓ କୋକିଳ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମାଜ ସେବା କ୍ଷେତ୍ରରେ ଓ ପଦ୍ମନାଭ ପ୍ରଧାନ ଓ ରବିଚନ୍ଦ୍ର ବେହେରାଙ୍କୁ ସଫଳ ଚାଷୀ ଭାବରେ ଅଙ୍ଗ ବସ୍ତ୍ର ପ୍ରଦାନ ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହିଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଅକ୍ଟୋବର ୨୦୨୪ ରବିବାର





# ଖୋର୍ଦ୍ଧାରେ ନୂଆ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ



**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

କାର୍ଯ୍ୟରେ ଯୋଗ ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ ବରିଷ୍ଠ ଆଇପିଏସ୍ ଅଧିକାରୀ ସଗାରିକା ନାଥ ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ, ଖୋର୍ଦ୍ଧା ଜିଲ୍ଲା ଶାଖା ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ସଂଘର ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟନାରାୟଣ ପାଇକରାୟ, ପ୍ରଭାତ କୁମାର ପାଣିଗ୍ରାହୀ, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ, ପ୍ରକାଶ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ନୂତନ ଏସ୍‌ପିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଖୋର୍ଦ୍ଧାର ସାମୟିକ ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ଖଣି ଖାଦାନ ଲୁଟ୍‌କୁ ରୋକିବା, ଟ୍ରାଫିକ୍ ସମସ୍ୟାର ସମାଧାନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଖୋର୍ଦ୍ଧାକୁ ଅପରାଧ ମୁକ୍ତ ତଥା ସରସ ସୁନ୍ଦର କରାଯିବ ବୋଲି ନୂତନ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ସାମ୍ବାଦିକଙ୍କୁ ସମ୍ବୋଧିତ କରିଥିଲେ ।

# ବରଗଡ଼ ଜେଲ୍ ଭିତରେ ବହୁ ନିଶା ସାମଗ୍ରୀ ଜବତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା କାରାଗାର ଉପରେ ଜିଲ୍ଲା ପୋଲିସର ଚଢ଼ଉ ହୋଇଛି । ଜେଲ୍ ଭିତରେ ନିଶା କାରବାର ଚାଲିଥିବା ଖବର ପାଇ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ମିନାଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ଫୋର୍ସ, ୧୪ ଜଣ ଅଫିସର ମିଳିତ ଭାବେ ଚଢ଼ଉ କରି ବହୁ ପରିମାଣର ଭାଙ୍ଗ, ଗୁଟ୍‌ଖା ଆଦି ନିଶା ସାମଗ୍ରୀ ଜବତ କରିଛି । ଶୁକ୍ରବାର ସକାଳ ୫ଟା୧୫ ମିନିଟ୍‌ରେ ଖବରପାଇ ପୋଲିସ ପ୍ରଶାସନ ପକ୍ଷରୁ ଜିଲ୍ଲା କାରାଗାର ଉପରେ ଚଢଉ କରାଯାଇଥିଲା । ଦେଢ଼ ଘଣ୍ଟା ଧରି ଏସ୍‌ପି ଖାନ ତଲସୀ କରିଥିଲେ । ଏସ୍‌ଡିପିଓ ପଦାର ବିନ୍ଦ ତ୍ରିପାଠୀ, ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ବରଗଡ଼ ଟାଉନ୍ ଥାନା ଅଧିକାରୀ ସତ୍ୟଜିତ କନ୍ଦେଲକର, ଅତାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ସମେତ ବହୁ ଅଧିକାରୀ ଚଢ଼ଉ ସମୟରେ ଉପସ୍ଥିତ ଥିଲେ । ଜିଲ୍ଲାର ସଲମାନ କୁଜୁର ଏ ସବୁ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ବୋଲି କହିଛନ୍ତି । କେମିତି ଜେଲ୍ ଭିତରକୁ ନିଶା ସାମଗ୍ରୀ ଯାଉଛି ଏହାର ତଦନ୍ତ କରାଯିବ ଓ ଯିଏ ଏଥିରେ ସମ୍ପୃକ୍ତ ତା ବିରୋଧରେ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି ।






# ଦୁଇ ଚୋର ଗିରଫ:ଅଳଙ୍କାର ଜବତ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଲିଗୁଡା ପୋଲିସକୁ ଆଉ ଏକ ସଫଳତା ମିଳିଛି । ଗତ ଦୁଇଦିନ ଚୋରି ହୋଇଥିବା ସାମଗ୍ରୀ ମିଳିବା ସହ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାରେ ସଫଳ ହୋଇଛି ବାଲିଗୁଡା ପୋଲିସ । ଏହାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳକାନ୍ତ ପଣ୍ଡା । ସୂଚନା ପ୍ରକାରେ ବାଲିଗୁଡା ରତୁଙ୍ଗିଆ ଗ୍ରାମରେ ବସନ୍ତ କୁମାର ପାତ୍ରଙ୍କ ତେଜରାତି ଦୋକାନରୁ ଗତ ୧ ତାରିଖ ରାତିରେ ତାଙ୍କ ଦୋକାନ କବାଟ ଭାଙ୍ଗି ଦୋକାନରୁ ନଗଦ ଆଠ ହଜାର ଟଙ୍କା ସୁନାରୁପା ଅଳଙ୍କାର ଚୋରି କରି ନେଇଥିଲା । ଏହାକୁ ନେଇ ବସନ୍ତ ପାତ୍ର ବାଲିଗୁଡା ଥାନାରେ ଗତ ୨ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲା । ଏହାପରେ ବାଲଗୁଡା ପୋଲିସ କେଶ୍ ନମ୍ବର ୨୪୨/୨୪ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ । ଏହାପରେ ଦୁଇଜଣଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରିଛନ୍ତି । ଗିରଫ ଦୁଇବ୍ୟକ୍ତି ହେଲେ ଜଲା ଭୋଇ (୨୮) କଳାହାଣ୍ଡି ଜିଲ୍ଲାର ମାଟିଆ ଗ୍ରାମ ଯାଙ୍କ ନାମରେ ପୂର୍ବରୁ ଟିଟିଲାଗଡ ଓ କଣ୍ଟାବାଞ୍ଜି ଥାନାରେ କେଶ୍ ରହିଛି । ଆଉ ଜଣେ ଜଳନ୍ଧର ଭୋଇ (୩୨) ବଲାଙ୍ଗିର ଜିଲ୍ଲାର ବାଛାଜୁଝା ଗ୍ରାମର । ଯାଙ୍କ ନାମରେ ପୂର୍ବରୁ ଟିଟିଲାଗଡ, କେଶିଙ୍ଗା ଥାନା ଓ କଣ୍ଟାବାଞ୍ଜି ଥାନାରେ ପାଞ୍ଚଟି ମାମଲା ରହିଛି ଓ ଆଉ ଜଣେ ଫେରାର ଅଛି । ଏମାନଙ୍କ ଠାରୁ ଗୋଟିଏ ମୋଟରସାଇକେଲ, ଦୁଇଟି ସୁନା ମାଳି, ତିନିହଳ ସୁନା କାନର, ୫୦୦ ଗ୍ରାମ୍ ରୁପା ଅଳଙ୍କାର, ୫୭୯୫ ଟଙ୍କା ଓ ଖୁଚୁରା ଟଙ୍କା ୧୫୦୦ ଏବଂ ତିନି ଗୋଟି ଲୁହା ରଡ ସହ ତିନି ଗୋଟି ମୋବାଇଲ ଜବତ ହୋଇଛି । ସୁନା, ରୁପା ଅଳଙ୍କାର ଏବଂ ଟଙ୍କା ଅଭିଯୋଗକାରିଙ୍କ ଠାରୁ ଚୋରି କରିଥିଲେ ଏବଂ ଅଭିଯୋଗକାରୀ ତାଙ୍କର ଏହି ଜବତ ସାମଗ୍ରୀ ଚିହ୍ନିପାରିଛନ୍ତି ବୋଲି ସୂଚନା ଦେଇଛନ୍ତି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ବାଲିଗୁଡା କୋର୍ଟକୁ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ସମେତ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ ।

# ମହାନଦୀରେ ବୁଡ଼ିଗଲେ ୨ ଛାତ୍ର:ଜଣଙ୍କ ମୃତଦେହ ଉଦ୍ଧାର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମହାନଦୀରେ ବୁଡି ଯାଇ ଶୁକ୍ରବାର ୨ ଜଣ ନିଖୋଜ ହେବା ଘଟଣାରେ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି । ଅନ୍ୟ ଜଣଙ୍କୁ ଉଦ୍ଧାର କରିବା ଲାଗି ତଲାସୀ ଅଭିଯାନ ଜାରି ରହିଛି । ଜଗତପୁର ବାଲିସାହି ନିକଟରେ ଶୁକ୍ରବାର ମହାନଦୀରେ ଗାଧୋଇବା ବେଳେ ଦୁଇ ଜଣ ଛାତ୍ର ଆର୍ଯ୍ୟନ ନାୟକ ଓ ମନୋରଞ୍ଜନ ବେହେରା ବୁଡି ଯାଇଥିଲେ । ଉଭୟ ଜଗତପୁର ରାଜକିଶୋର ବିଦ୍ୟାପୀଠରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣାପଡିଛି । ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ବହୁ ଖୋଜାଖୋଜି ପରେ ଆର୍ଯ୍ୟନ ନାୟକର ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ମନୋରଂଜନ ନାୟକ ଏବେବି ନିଖୋଜ ଥିବା କୁହାଯାଇଛି । ଶୁକ୍ରବାର ସ୍କୁଲରେ ସାହିତ୍ୟ ବିଷୟ ପରୀକ୍ଷା ଶେଷ ହେବା ପରେ ୧୧ ଜଣ ଛାତ୍ର ଘରକୁ ନଯାଇ ନଦୀ କୂଳକୁ ଆସିଥିଲେ । ଦୁଇ ଛାତ୍ର ଆର୍ଯ୍ୟନ ନାୟକ ଓ ମନୋରଞ୍ଜନ ବେହେରା ନଦୀକୁ ଗାଧୋଇବା ପାଇଁ ଯାଇ ପାଣିରେ ବୁଡି ଯାଇଥିଲେ । ଖବରପାଇ ଅଗ୍ନିଶମ ଓ ଓଡ୍ରାଫର ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । କିଛି ସମୟ ଧରି ଖୋଜାଖୋଜି କରିବା ପରେ ଆର୍ଯ୍ୟନଙ୍କ ମୃତ ଦେହ ଉଦ୍ଧାର କରାଯାଇଛି ।

# ସାରଳା ମନ୍ଦିରରେ ଘିଅର ମାନ ଯାଞ୍ଚ କଲା ପ୍ରଶାସନ

**ଝଙ୍କଡ଼, ନ୍ୟୁଜ୍ ବ୍ୟୁରୋ**

ପ୍ରସିଦ୍ଧ ଝଙ୍କଡ଼ ସାରଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଚାଲିଛି । ଏହି କ୍ରମରେ ସର୍ବସାଧାରଣଙ୍କ ପାଇଁ ମା'ଙ୍କ ମଣ୍ଡାପିଠା ଭୋଗ ପ୍ରସ୍ତୁତ ହେଉଥିବା ବେଳେ ଏଥିରେ ବ୍ୟବହୃତ ହେଉଥିବା ଘିଅ ନିମ୍ନମାନର ନେଇ ଅଭିଯୋଗ ହୋଇଥିଲା । ତଦନୁଯାୟୀ ଜଗତସିଂହପୁର ଜିଲ୍ଲା ସହକାରୀ ଜିଲ୍ଲାପାଳ ତଥା ସାରଳା ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶରେ ଫୁଡ୍ ଇନ୍ସପେକ୍ଟର୍ ସସ୍ମିତା ଦାସ ଏହି ଘିଅର ମାନ ଯାଞ୍ଚ କରିଛନ୍ତି । ତାଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁଇ ପ୍ରକାରର ଘିଅର ନମୁନା ନେଇ ପରୀକ୍ଷା କରିଥିଲେ । ନୂଆପଡ଼ା ଓମ୍‌ଫେଡ୍ ପ୍ଲାଣ୍ଟରୁ ସାରଳା ମନ୍ଦିରକୁ ଆସିଥିବା ଘିଅ ଟିଣ ଉପରେ ତିଆରି ଓ ଅବଧିର ଶେଷ ତାରିଖ ଉଲ୍ଲେଖ ନଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ମା'ଙ୍କ ପଣ୍ଡା ସେବକ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ କିଛି ସମୟ ପାଇଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ, ବିଗତ ବର୍ଷରେ ସାରଳା ମନ୍ଦିରରେ ବିଶୁଦ୍ଧ ଗାଈ ଘିଅରେ ନୀତିକାନ୍ତି କରାଯାଉଥିଲା । ମାତ୍ର ସଙ୍କଟ ଦେଖାଯିବାରୁ ମନ୍ଦିର ପ୍ରଶାସନ ତରଫରୁ ଓମ୍‌ଫେଡ ଘିଅର ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେହିଦିନ ଠାରୁ ଓମ୍‌ଫେଡ୍ ଘିଅର ପ୍ରଚଳନ କରାଯାଉଥିଲେ ମଧ୍ୟ କେବେବି ଏହାର ଶୁଦ୍ଧତା ଠିକ୍ ଅଛି କି ନାହିଁ ତାହାର ଯାଞ୍ଚ କରାଯାଉନଥିଲା ।



# ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଆଜି ଗୋଧ୍ୱଜା ସ୍ଥାପନ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗୋ ପତାକା ସ୍ଥାପନ, ଗୋମାତାକୁ ରାଷ୍ଟ୍ରମାତା ଭାବେ ଘୋଷଣା କରିବା ଓ ଗୋବଧକୁ ଭାରତବର୍ଷରେ ନିଷେଧ କରିବାକୁ ଜ୍ୟୋର୍ତିପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରା ନନ୍ଦଜୀ ମହାରାଜ ଅକ୍ଟୋବର ୬ ତାରିଖ ରବିବାର ଭୁବନେଶ୍ୱରରେ ପହଞ୍ଚି, ମଞ୍ଚେଶ୍ୱରସ୍ଥ ରେଳବାଇ ଇନ୍‌ଡୋର୍ ଷ୍ଟାଡିୟମ୍ ଠାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଗୋଭକ୍ତ, ଗୋସେବକ ଓ ଧର୍ମପ୍ରେମୀ ସଜ୍ଜନମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୬୬ ମସିହାରେ ଧର୍ମସମ୍ରାଟ ସ୍ୱାମୀ ଶ୍ରୀ କରପତ୍ରିଜୀ ମହାରାଜ ଯେଉଁ ଗୋରକ୍ଷା ଆନ୍ଦୋଳନର ସୂତ୍ରପାତ କରିଥିଲେ । ସ୍ୱାମିଜୀ ସେହି ଆନ୍ଦୋଳନକୁ ଆଗକୁ ବଢାଇବା ପାଇଁ ସେପ୍ଟେମ୍ବର ୨୨ ତାରିଖରୁ ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ସାରା ଭାରତବର୍ଷର ୩୩ଗୋଟି ରାଜ୍ୟ ପରିକ୍ରମା କରିବେ । ଆପଣମାନଙ୍କୁ ସୂଚନା ଦେବାକୁ ଚାହୁଁଛୁ ଯେ, ଗୋମାତାଙ୍କ ପାଇଁ ସ୍ୱାମିଜୀ ମହାରାଜ ଗତ କିଛିଦିନ ତଳେ ବୃନ୍ଦାବନ ଠାରୁ ଖାଲି ପାଦରେ ଦିଲ୍ଲୀ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଗୁରୁବାର ସନ୍ଧ୍ୟାରେ ସତ୍ୟନଗର ଠାରେ ପ୍ରସ୍ତୁତି କମିଟିର ଶେଷ ବୈଠକ ସ୍ୱାଗତ କମିଟିର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜ୍ୟୋର୍ତିପୀଠର ପ୍ରତିନିଧି ବ୍ରହ୍ମଚାରୀ ଚିତ୍ ପ୍ରକାଶ, ସ୍ୱାଗତ କମିଟିର ଉପାଧକ୍ଷ ଡଃ କରୁଣାକର ପ୍ରଧାନ, ଡଃ ବି.ସି ମେନନ୍, ଶ୍ରୀଜଗନ୍ନାଥ ଧର୍ମପ୍ରଚାରକ ଅରବିନ୍ଦ ବିଶ୍ୱାଳ, ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ, ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ଗୋସେବକ କମଲ ଅଗ୍ରୱାଲ, ପୱାନ ଗୁପ୍ତା, ଜ୍ଞାନଚାନ୍ଦ ନହର, ମନୋଜ ଡୁଗର, ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ସ୍ୱାଗତ ରାଉତରାୟ, ଆଡ଼ଭୋକେଟ ଶାନ୍ତନୁ ସାହୁ, ସମାଜସେବୀ କୈଳାସ ମିଶ୍ର, ପ୍ରଜ୍ଞାରାଜ ପ୍ରଧାନ ପ୍ରମୁଖ ୬ ତାରିଖ କାର୍ଯ୍ୟକ୍ରମର ସଫଳତା ବିଷୟରେ ବିଶେଷ ଭାବେ ଆଲୋଚନା କରିଥିଲେ । ବାସ୍ତୁବିତ ଡଃ ମନୋଜ ଲେଙ୍କା ସ୍ୱାମିଜୀଙ୍କୁ ଓଡ଼ିଶା ରାଜ୍ୟ ତରଫରୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱାଗତ କମିଟିର ଉପାଧକ୍ଷ ପୂର୍ବତନ ଆଇଜି ଅରୁଣ କୁମାର ଉପାଧ୍ୟାୟ, ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି ।

# ରାଇସ୍ ମିଲ୍ ସିଲ୍:ଷ୍ଟକ୍ ଯାଞ୍ଚ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଗଡଗଡବାହଲ ଗାଁ ନିକଟରେ ଥିବା ବ୍ରଜଭୂମି ରାଇସ୍ ମିଲ୍ ଓ ଅରିଗାଁ ଠାରେ ଥିବା ଜୟ ଲକ୍ଷ୍ମୀ ରାଇସ୍ ମିଲ୍‌କୁ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଲା ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ଆନ୍ୟା ଦାସଙ୍କ ସମେତ ପ୍ରଶାସନ ଅଚାନକ ଗୁରୁବାର ସନ୍ଧ୍ୟାରେ ପରିଦର୍ଶନରେ କରିଥିଲେ । ଏହି ସମୟରେ ମିଲ୍‌ରେ ଥିବା ଷ୍ଟକ୍ ଯାଞ୍ଚ କରିବା ପାଇଁ ଜିଲ୍ଲାପାଳ ଶ୍ରୀମତୀ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦୁଇଟି ଯାକ ରାଇସ୍ ମିଲ୍‌କୁ ସିଲ୍ କରିଥିଲା ସ୍ଥାନୀୟ ପ୍ରଶାସନ । ସୋନପୁରରେ ଯୋଗଣ ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ମିଲରମାନଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ହେଲେ ରାଇସ୍ ମିଲ୍ ଗୁଡ଼ିକରେ ଅଚାନକ ସାଂସଦ, ବିଧାୟକ ଓ ଜିଲ୍ଲାପାଳଙ୍କ ସମେତ ପ୍ରଶାସନ ରାଇସ୍ ମିଲ୍ ଗୁଡ଼ିକୁ ପରିଦର୍ଶନରେ ଆସିଥିବାରୁ ରାଇସ୍ ମିଲ୍ ମାଲିକଙ୍କ ଭିତରେ ଛନକା ପଶିଯାଇଥିବା ବେଳେ ଏହାକୁ ନେଇ ନାନା ଚର୍ଚ୍ଚା ହେଉଛି ।

# ଜିଲ୍ଲା ଭିତ୍ତିକ ନିଯୁକ୍ତି ଦାବିରେ ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ ଥିବାବେଳେ ଏହି ବନ୍ଦ ପ୍ରଭାବ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଦେଖିବାକୁ ମିଳିଛି । ମୁଖ୍ୟ ବଜାର ଠାରେ ଛାତ୍ର ସଂଘ, ସରପଞ୍ଚ ସଂଘ ଓ କ୍ରିୟାନୁଷ୍ଠାନ କମିଟି ତରଫରୁ ବିଭିନ୍ନ ଗଣପ୍ରତିନିଧି ମାନେ ଦୋକାନ ବଜାର, ଗାଡି ମଟର ବନ୍ଦ କରି ଅନସନରେ ବସିଥିଲେ । ପ୍ରକାଶଥାଉ କି ମୋଟ ୧୧୧୬୭ଟି ଶିକ୍ଷକ ପଦବୀରୁ ନବରଙ୍ଗପୁର ଜିଲ୍ଲାରେ ୮୬୦ ଗୋଟି ଶିକ୍ଷକ ନିଯୁକ୍ତିର ଏଗ୍ରିମେଣ୍ଟ ପ୍ରକ୍ରିୟା ଚାଲୁ ରହିଥିଲା । ଏଥିରେ ବାହାର ରାଜ୍ୟରୁ ଶହ ଶହ ପିଲାମାନେ ଆସି ସାମିଲ୍ ହୋଇଥିଲେ । ଏହା ଜାଣି ଅବିଭକ୍ତ କୋରାପୁଟ ଜିଲ୍ଲାର ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ସାମିଲ୍ କରି ଅନ୍ୟ ବାହାର ଜିଲ୍ଲାର ଯୁବକ ଯୁବତୀର ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରାନଯାଏ ତାହାହେଲେ ଆଗାମୀ ଦିନକୁ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାବାସୀ ରାଜରାସ୍ତାକୁ ଓହ୍ଲାଇ ଏହାର ଉଗ୍ର ପ୍ରତିବାଦ କରିବାର ଚେତାବନୀ ଦିଆଯାଇଛି ।

# ଜୁନାଗଡ଼ ବିଧାୟକଙ୍କ ଗାଡ଼ିକୁ ଅଣ୍ଡା ମାଡ଼

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାରେ ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଗାଡି ଉପରକୁ ଅଣ୍ଡା ମାଡ଼ ହୋଇଥିବା ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ଗୋଲାମୁଣ୍ଡା ସର୍ବମଙ୍ଗଳା କେଲେଜର ନୂତନ କୋଠରୀ ଉଦ୍‌ଘାଟନ ପାଇଁ କଳାହାଣ୍ଡି ସାଂସଦ ମାଳବିକା ଦେଓ ଏବଂ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଉପସ୍ଥିତ ହୋଇଥିଲେ । କିଛି ସମୟ ପରେ ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ପହଞ୍ଚିଥିବା ବେଳେ ତାଙ୍କ ଗାଡି ଉପରକୁ ଅଣ୍ଡା ମାଡ଼ ହୋଇଥିବା ସୂଚନା ମିଳିଛି । କେଉଁ କାରଣରୁ ଅଣ୍ଡା ମାଡ଼ ହୋଇଛି ତାର ସ୍ପଷ୍ଟ ସୂଚନା ଜଣାପଡି ନାହିଁ ।

# ତଣ୍ଟି କଟା ଅବସ୍ଥାରେ ଯୁବତୀଙ୍କ ମୃତ ଦେହ ଉଦ୍ଧାର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଟାଉନ୍ ଥାନା ପବିତ୍ରଡିହା ବରାଳ ଲଜ୍ ଗଳିରେ ଭଡାରେ ରହୁଥିବା ରବୀନ୍ଦ୍ର ବେହେରାଙ୍କ ବଡ଼ ଝିଅ ମନୋରମା ବେହେରାଙ୍କ ତଣ୍ଟି କଟା ଅବସ୍ଥାରେ ମୃତ ଦେହ ଉଦ୍ଧାର ହୋଇଛି । ମୃତକଙ୍କ ବାପା ରବୀନ୍ଦ୍ର ବେହେରାଙ୍କ କହିବା ଅନୁସାରେ ସେ ଲାବଣ୍ୟ ଛକ ନିକଟରେ ଛତୁ ବେପାର କରନ୍ତି । ଶୁକ୍ରବାର ସେ ଓ ତାଙ୍କ ସ୍ତ୍ରୀ ଛତୁ ବେପାର କରିବା ପାଇଁ ଯାଇଥିବା ବେଳେ ତାଙ୍କ ସାନ ଝିଅ କଲେଜ ଯାଇଥିଲେ । ମନୋରମା ଘରେ ଏକା ଥିଲେ । ଦିନ ୧୧ଟା ସମୟରେ ମନୋରମା ଚାଉଳ ନେଇ ଘରକୁ ଫେରିବା ପରେ ବାପା ଓ ମା'କୁ ଫେରିବା ନେଇ ଫୋନ୍ ଯୋଗେ ଜଣାଇଥିଲେ । ହେଲେ ଦ୍ୱୀପହର ସମୟରେ ବାପା ମା' ଘରକୁ ଫେରିବାବେଳେ ଝିଅ ମନୋରମାର ତଣ୍ଟି କଟାଯାଇଥିବା ବେଳେ ରକ୍ତ ଜୁଡୁବୁଡୁ ହୋଇ ମୁହଁ ମାଡି ତଳେ ପଡିଥିବା ଦେଖିବାକୁ ପାଇଥିଲେ । ଘଟଣା ସ୍ଥଳରେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଚଳାଇଥିବା ବେଳେ ତଦନ୍ତ ପରେ ସବିଶେଷ ତଥ୍ୟ ଜଣାପଡିବ ବୋଲି ସୂଚନା ଦେଇଛନ୍ତି ଏସ୍‌ଡିପିଓ ମହେନ୍ଦ୍ର ମୁର୍ମୁ ।

# ଭାଉଜଙ୍କୁ ହତ୍ୟା କରି ଥାନାରେ ଆତ୍ମସମର୍ପଣ କଲା ଦିଅର

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଗୁଣିଗାରେଡି ସନ୍ଦେହରେ ଦିଅର ନିଜ ଭାଉଜଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛି । ଏପରି ଏକ ଅଭାବନୀୟ ଘଟଣା ଘସିପୁରା ଥାନା ରାଧାଦେଇପୁର ପଞ୍ଚାୟତ ଖାଲପାଳ ଗ୍ରାମରେ ଘଟିଛି । ଭାଉଜଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ଦିଅର ଗଙ୍ଗା ମୁର୍ମୁ ଥାନାରେ ଆତ୍ମସମର୍ପଣ କରିଛି । ଖାଲପାଳ ଗ୍ରାମର ବଡ଼ପତଳା ମାଝିସାହି ସିଦ୍ଧେଶ୍ୱର ମୁର୍ମୁଙ୍କ ସ୍ତ୍ରୀ ସୀତା ମୁର୍ମୁ (୪୫) ଶୁକ୍ରବାର ସକାଳ ୧୦ଟା ସମୟରେ ନିଜ ଘରେ ଥିବାବେଳେ ଦିଅର ଗଙ୍ଗା ମୁର୍ମୁ (୫୦) ଏକ ଟାଙ୍ଗିଆରେ ଜଘନ୍ୟ ଭାବରେ ହତ୍ୟା କରି ସେ ସ୍ଥାନରୁ ଚାଲି ଯାଇଥିଲା । ଏହି ଘଟଣା ପରେ ଗଙ୍ଗା ଦୈତାରୀ ଥାନାରେ ଆତ୍ମସମର୍ପଣ କରିଥିଲା । ଘଟଣା ଜଣାପଡିବା ପରେ ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା, ଘଷିପୁରା ଥାନା ଅଧିକାରୀ ସୁନୀଲ କୁମାର କର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଦୈତାରୀ ପୋଲିସ ଗଙ୍ଗାକୁ ଘଷିପୁରା ପୋଲିସକୁ ହସ୍ତାନ୍ତର କରିଛି । ତଦନ୍ତ ବେଳେ ଜଣାପଡିଛି ଯେ ଗତ କିଛିଦିନ ତଳେ ଅସୁସ୍ଥ ହୋଇ ଗଙ୍ଗାର ପତ୍ନୀର ମୃତ୍ୟୁ ଘଟିଥିଲା । ଭାଉଜ ସୀତା ଗୁଣି ଗାରେଡି କରି ତାଙ୍କ ପତ୍ନୀକୁ ମାରି ଦେଇଥିବା ଗଙ୍ଗା ସନ୍ଦେହ କରି ଆସୁଥିଲା । ସୀତା ଉପରେ ପ୍ରତିଶୋଧ ନେବା ପାଇଁ ଗଙ୍ଗା ସୁଯୋଗ ଖୋଜୁଥିଲା । ଶୁକ୍ରବାର ସକାଳେ ସୀତା ଘରେ ଏକୁଟିଆ ଥିବା ଦେଖି ଗଙ୍ଗା ଏକ ଟାଙ୍ଗିଆରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲା । ପ୍ରାୟ ମାସକ ତଳେ ସେହି ଘସିପୁରା ଥାନାର ଖାଳିଆମେହଟା ପଞ୍ଚାୟତ ନିଆଳିଝରଣ ଠାରେ ଏଭଳି ଏକ ଘଟଣା ଘଟିଥିଲା । ସେଠାରେ ମଧ୍ୟ ଡାହାଣି ସନ୍ଦେହରେ ଜଣେ ମହିଳାକୁ ଘରୁ ଡାକି ଆଣି ରାସ୍ତା ଉପରେ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉନାହିଁ । ଏନେଇ ସ୍ୱତନ୍ତ୍ର ଭାବେ ଆଇନ୍ ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ ମଧ୍ୟ କରାଯାଉ ନାହିଁ ।




# ବଙ୍ଗୋମୁଣ୍ଡାରେ ବିଜେଡ଼ି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ରୁ ଆରମ୍ଭ କରି ନଭେମ୍ବର ୨ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ପରିପ୍ରେକ୍ଷୀରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗୋମୁଣ୍ଡା ଠାରେ ବୁଧବାର ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ରାଧେଶ୍ୟାମ କେତକୀଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ବିଜେଡି ରାଜ୍ୟ ଉପଦେଷ୍ଟା କମିଟିର ସଦସ୍ୟ ତଥା ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଅୟୁବ ଖାଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ବଙ୍ଗୋମୁଣ୍ଡା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଲାଲଚନ ପୁଟେଲ, ପୂର୍ବତନ ସରପଞ୍ଚ ଜଗଦୀଶ ସୁନା, ଶରତ ସିଂଭୋଇ, ମନୋରଞ୍ଜନ ଭୋଇ, ବିଶ୍ୱରାମ ହିଆଲ ପ୍ରମୁଖଙ୍କ ସହ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୬।୧୦।୨୦୨୪, ଆଶ୍ୱିନ ଦି୨୧ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୫।୩୮।୪୬ **ଚନ୍ଦ୍ରୋଦୟ-** ଦିଘ ୮।୨୨।୧୩

**ତୃତୀୟା ମଳ-** ପ୍ରାଘ ୭।୫୦ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ରାଘ ୧୨।୧୧ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର- ସଂଘ ୫।୩୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ସଂଘ ୫।୩୩ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ ୭।୫୦ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୯ ଗତେ ଘ ୮।୫୦ ମଧ୍ୟେ । ଦିଘ ୧।୦୩ ଗତେ ଘ ୩।୦୬ ମଧ୍ୟେ ।



**ମେଷ:** ଅନିୟମିତ କାର୍ଯ୍ୟ କରି ଅପମାନିତ ହୋଇପାରନ୍ତି । ଯାତ୍ରାରେ ଅସଫଳ ହେବେ । ଭ୍ରମଣର ସୁଯୋଗ ମଧ୍ୟ ମିଳିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଆନନ୍ଦ । ଦେହ ଓ ମନ ଭଲ ରହିବ ।



**ବୃଷ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । ପିଲାମାନଙ୍କ ପାଇଁ ମନରେ କଷ୍ଟ ଆସିପାରେ । ରୋଜଗାର ଭଲ ହେବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ମିଥୁନ:** ପଢ଼ା ଲେଖାରେ ଉନ୍ନତି ହେବ । କାର୍ଯ୍ୟ ହାସଲରେ ସକ୍ଷମ ହେବେ । ମାନସିକ ଅଶାନ୍ତି ଦେଖାଦେବ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଓ ଆନନ୍ଦ । ମନସ୍କାମନା ପୂରଣ ହେବ ।



**କର୍କଟ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଦୁଃସାଧ କାର୍ଯ୍ୟ ସାଧନ କରିବେ । ବନ୍ଧୁ ଆପଣଙ୍କ ଠାରୁ ଦୂରେଇ ଯିବେ । ଆୟରେ ଉନ୍ନତି ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମହିଳାମାନେ ସୁଖୀ ହେବେ ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରାଧାନ୍ୟତା ଲାଭ କରିବେ । ମଧ୍ୟାହ୍ନେ ଟେନ୍‌ସନ୍ ଦୂର ହୋଇଯିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଗି ରହିବ । ଆୟ ପୂର୍ବ ପରି ସ୍ଥିର ରହିବ । ପରୋପକାରୀ ହେବେ ।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁବାନ୍ଧବ ସହଯୋଗିତାରେ ମନୋଭାବ ଆଣିବେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । ରୋଜଗାରର ପରିମାଣ ବଢ଼ିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ । ସବୁ କାର୍ଯ୍ୟ ସଫଳ ହେବ ।



**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଧନବାନ୍ ହେବେ । ପରିବାରରେ ଆନନ୍ଦ ଓ ଖୁସି ଲାଗି ରହିବ । ପିଲାମାନେ ପାଠପଢ଼ାରେ ମନ ଦେବେ । ଦେହ ଭଲ ରହିବ ।



**ବିଛା:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହୋଇପାରନ୍ତି । ଅଚିହ୍ନା ବ୍ୟକ୍ତିଙ୍କ କଥାରେ ଯିବେନାହିଁ । ମାନସିକ ଅଶାନ୍ତି ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଦେଖାଦେବ ।



**ଧନୁ:** ଆଜି ଆପଣ ଯେଉଁ କାର୍ଯ୍ୟ କରିବେ ତାହା ସମ୍ପନ୍ନ ହୋଇଯିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।



**ମକର:** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଶୁଭ ଖବର ପାଇବେ । ସୁସମ୍ପର୍କ ଖରାପ ହୋଇପାରେ । ଦେହ ଭଲ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ । ଶତ୍ରୁମାନେ ନାଶ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଭ୍ରମଣ ଯୋଗ ଅଛି । ବ୍ୟବସାୟରେ ଲାଭବାନ୍ ହେବେ । ମନ ଅସ୍ଥିର ରହିବ । ପରିବାରରେ ସମସ୍ତେ ଖୁସିରେ ରହିବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ ।



**ମୀନ:** ସମାଜରେ ଲୋକ ସମ୍ପର୍କ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ମାନସିକ ଅସ୍ଥିରତା ଲାଗି ରହିବ । ମାଲିମୋକଦ୍ଦମା ଯୋଗୁ ଚିନ୍ତା ହୋଇପାରେ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ଶରୀର ସୁସ୍ଥ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୭।୧୦।୨୦୨୪, ଆଶ୍ୱିନ ଦି୨୨ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୫।୩୯।୦୨ **ଚନ୍ଦ୍ରୋଦୟ-** ଦିଘ ୯।୧୬।୧୦

**ଚତୁର୍ଥୀ-** ଦିଘ ୯।୪୮ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ରାଘ ୨।୨୫ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୯।୪୮ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୩ ଗତେ ଘ ୭।୧୦ ମଧ୍ୟେ । ଦିଘ ୮।୫୨ ଗତେ ଘ ୧୧।୧୧ ମଧ୍ୟେ । **ପର୍ବୋତ୍ସବ-** ପଞ୍ଚମ୍ୟାଦିକଳ୍ପାରମ୍ଭ, ଶ୍ରୀବିରଜା ଦେବୀଙ୍କ ପଞ୍ଚମୀ ହୋମ ।

30 YEARS ସମ୍ବାଦ କଳିକା

# ୧.୮ ପ୍ରତିଶତକୁ ହ୍ରାସ ପାଇବ ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି

**କେନ୍ଦ୍ର** ସରକାର ଦେଶର ଅର୍ଥନୀତିର ପ୍ରଥମ ଅଗ୍ରୀମ ଆକଳନ ଜାରି କରିଛନ୍ତି। ଏଥିରେ କିଛି ଚିନ୍ତାଜନକ ତଥ୍ୟ ରହିଛି। ତାହା ହେଉଛି ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ଚାଉଳ ଉତ୍ପାଦନ କମିବ। ୨୦୨୨-୨୩ରେ କୃଷି କ୍ଷେତ୍ର ୪ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। କିନ୍ତୁ ୨୦୨୩-୨୪ରେ ଏହି କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ଖସିଯିବ। ଗତ ଚାରି ବର୍ଷ ଭିତରେ କୃଷି କ୍ଷେତ୍ର ଏଭଳି ସ୍ତରକୁ କେବେ ଖସିନଥିଲା। ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବାରୁ କୃଷି ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି। ସେହିପରି, ଚାଉଳ ଉତ୍ପାଦନରେ ୫.୪ ପ୍ରତିଶତ ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର ରିପୋର୍ଟ ଅନୁସାରେ ୨୦୨୩-୨୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ। ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିଲା। ଏନ୍‌ଏସ୍‌ଓର ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ କରିଥିବା ଆକଳନ ଠାରୁ ଅଧିକ ରହିଛି। ଭାରତ ଯଥାକ୍ରମେ ୬.୫ ପ୍ରତିଶତ ଓ ୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପୃଥକ ପୃଥକ ଆକଳନ କରାଯାଇଥିଲା। ଅଗ୍ରୀମ ଆକଳନ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। କାରଣ ସେହି ତଥ୍ୟ ଆଧାରରେ କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତ କରିଥାନ୍ତି।

ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ ୨୦୧୧-୧୨ ମୂଲ୍ୟ ଅନୁସାରେ ଦେଶର ଜିଡିପି ୧୭୧.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ୨୦୨୨-୨୩ରେ ଜିଡିପି ପରିମାଣ ୧୬୦.୦୬ ଲକ୍ଷ କୋଟି ଟଙ୍କା ଥିଲା। ବର୍ତ୍ତମାନ ମୂଲ୍ୟ ଅନୁସାରେ ଜିଡିପି ପରିମାଣ ୨୯୬.୫୮ ଲକ୍ଷ କୋଟି ଟଙ୍କା (୩.୫୭ ଟ୍ରିଲିଅନ ଡଲାର) ହେବ । ୨୦୧୧-୧୨ ମୂଲ୍ୟ ଅନୁସାରେ ମୁଣ୍ଡପିଛା ଆୟ ୨୦୨୩-୨୪ରେ ୬.୪ ପ୍ରତିଶତ ବୃଦ୍ଧି ପାଇ ୧,୨୩,୧୪୪ ଟଙ୍କା ହେବ। କିନ୍ତୁ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨,୧୨,୬୦୦ ଟଙ୍କା ରହିବ।

୨୦୨୩-୨୪ ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ ଯାହା ପୂର୍ବ ଆର୍ଥିକ ବର୍ଷରେ ୪ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ଖଣି ଓ ଖନନ କ୍ଷେତ୍ରର ଅଭିବୃଦ୍ଧି ୮.୧ ପ୍ରତିଶତ, ମାନୁଫାକ୍‌ଚରିଂ ୬.୫ ପ୍ରତିଶତ; ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ଅନ୍ୟାନ୍ୟ କ୍ଷେତ୍ର ୮.୩ ପ୍ରତିଶତ; ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଓ ସେବା କ୍ଷେତ୍ର ୬.୩ ପ୍ରତିଶତ, ନିର୍ମାଣ କ୍ଷେତ୍ର ୧୦.୭ ପ୍ରତିଶତ, ଆର୍ଥିକ, ରିଅଲ ଇଷ୍ଟେଟ୍ ଓ ପ୍ରଫେସନାଲ୍ ସର୍ଭିସ୍ କ୍ଷେତ୍ର ୮.୯ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା କ୍ଷେତ୍ର ୭.୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

# କୁମାୟୁନର ସିଦ୍ଧବାବା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

୧୯୬୨ ମସିହାର ଭାଦ୍ରବମାସ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ। ଦେଶର ପ୍ରତ୍ୟେକଟି ହିନ୍ଦୁ ପରିବାରରେ ପୂଜା ଓ ଆନନ୍ଦ ଉତ୍ସବର ଦିନ। ଅବିଭକ୍ତ ଉତ୍ତରପ୍ରଦେଶ ଓ ବର୍ତ୍ତମାନର ଉତ୍ତରାଖଣ୍ଡ ରାଜ୍ୟର 'ଭୀମ ଗାଁଓ' ଥିଲା ଏକ କୃଷି ପ୍ରଧାନ ତଥା ବିତ୍ତଶାଳୀ କୃଷକ ମାନଙ୍କର ଗ୍ରାମ। ଗ୍ରାମରେ ରହୁଥିଲେ ଜାଠ ସଂପ୍ରଦାୟର ରତିକାନ୍ତ ଚୌଧୁରୀ ଯିଏ ଥିଲେ ସେଠାର ପୂର୍ବତନ ଜମିଦାର ଓ ସେତେବେଳର ଗ୍ରାମ ମୁଖ୍ୟ। ତାଙ୍କ ପୁରୁଣା କଚେରି ଘରେ ଉତ୍ସବ ପାଳନ ନିମନ୍ତେ ସବୁ ଗ୍ରାମବାସୀଙ୍କର ମେଳ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣଙ୍କର ପୁଷ୍ପଶୋଭିତ ଲଳିତ ବିଗ୍ରହ ଥିଲା ସେଠାରେ ପ୍ରତ୍ୟେକଙ୍କର ଆକର୍ଷଣ। ଲଳିତ ସୁନ୍ଦର ଶ୍ରୀମୁଖରେ ଝଟକୁଥିଲା ମୃଦୁ ମନ୍ଦ ହସ। କର୍ଣ୍ଣରେ ଦୋଳୁଥିଲା ମକର କୁଣ୍ଡଳ। ତ୍ରିଭଙ୍ଗିମା ଠାଣିରେ ଠିଆ ହୋଇ ପ୍ରଭୁ ଧରିଥିଲେ ମୋହନ ବଂଶୀ। ସୁନ୍ଦର ଚିକ୍କଣ କଜ୍ଜ୍ୱଳ କୁଞ୍ଚିତ କେଶର ବନ୍ଧା ଜୁଡ଼ା ଉପରେ ଦୋଳାୟିତ ହେଉଥିଲା ବାଙ୍କ ଶିଖଣ୍ଡ ଚୂଳ। ଶିଳ୍ପୀର ନିଖୁଣ କାରିଗରିର ସମ୍ଭବତଃ ଏହାଥିଲା କଳ୍ପନାର ଶେଷ ଝଲକ। ଧନ୍ୟ ଶିଳ୍ପୀ! ଆଉ ଧନ୍ୟ ତୁମର କଳ୍ପନା। କଳ୍ପନା ବିଳାସରେ ବୁଡ଼ି ରହି ଦର୍ଶକର ସମ୍ମୁଖରେ ଥୋଇଦେଇଥାଅ କଳ୍ପନାପ୍ରସୂତ ତୁମର ଶେଷ ଅର୍ଘ୍ୟ। ଜମିଦାର ଓ ତାଙ୍କ ପରିବାରର ସମସ୍ତେ ପୂଜାରେ ଲାଗିଯାଇଥିଲେ। ପୂଜା ମଧ୍ୟରେ ଜମିଦାରଙ୍କ ଝିଅ ଶୋଭାଶ୍ରୀଙ୍କ କଣ୍ଠରେ ଭାସି ଆସୁଥିଲା ଶ୍ରୀଗୀତଗୋବିନ୍ଦ ଓ ମୀରା ସଙ୍ଗୀତର ଅନବଦ୍ୟ ସ୍ୱର ଝଙ୍କାର। ଆଉ ତାହା ସହ ତାଳ ଦେଇ ବାଜି ଉଠୁଥିଲା ଶିଳ୍ପୀମାନଙ୍କର ବାଦ୍ୟ ଯନ୍ତ୍ର। ତାହା ଥିଲା ଏକ ଅପୂର୍ବ ମୁହୂର୍ତ୍ତ। ଭଗବାନଙ୍କ ଆରାଧନାରେ ସମସ୍ତେ ବ୍ୟସ୍ତ ଥିବାବେଳେ ବାହାରେ ହେଉଥିଲା ପ୍ରବଳ ବର୍ଷା। ବର୍ଷାର ପ୍ରକୋପ, ବିଜୁଳି ଝଲକ ଆଉ ଘଡ଼ଘଡ଼ିର ଶବ୍ଦରେ ସ୍ଥାନଟି ସତେବା ଦୁଲୁକି ଉଠୁଥିଲା। କଂସର ବନ୍ଦୀ ଘରେ ଠିକ୍ ଏହିପରି ଏକ ସମୟରେ ଜନ୍ମ ନେଇଥିଲେ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ। ଏହି ସମୟରେ ଜମିଦାରଙ୍କ ଘରଦ୍ୱାରରେ ଆସି ଲାଗିଲା ଏକ ସରକାରୀ ଜିପ୍ ଗାଡ଼ି ଓ ସେଥିରେ ଥିଲେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଫିସର ଅଜିତ ସିଂହ ଓ ତାଙ୍କ ସାଥିରେ ଥିବା ଅନ୍ୟ ସରକାରୀ ଅଧିକାରୀମାନେ। ସେମାନେ ଗାଡ଼ିରୁ ଓହ୍ଲାଇ ପଡ଼ି ଘର ମଧ୍ୟକୁ ତୁରନ୍ତ ପଶିଗଲେ। ଜମିଦାର ମହୋଦୟ ବି.ଡ଼ି.ଓଙ୍କୁ ସେତେବେଳେ ଏପରି ଅବସ୍ଥାରେ ଆସିବାର ଦେଖି ହତଚକିତ ହୋଇଯାଇଥିଲେ ସତ ମାତ୍ର ଗସ୍ତରେ ଆସି ବର୍ଷା ପ୍ରକୋପ ଯୋଗୁ ଏଠାରେ ଏପରି ଭାବେ ପହଞ୍ଚି ଯାଇଥିବାର ଜାଣି ତାଙ୍କୁ ଯଥୋଚିତ ସମ୍ମାନ ଦେଇ ପୂଜା ସଭାରେ ପାଛୋଟି ଆଣି ବସାଇଦେଇଥିଲେ। ପ୍ରଭୁଙ୍କ ଆରାଧନା ପୁଣି ଚାଲିଲା। ଶୋଭାଶ୍ରୀଙ୍କ ଅପୂର୍ବ ଶୋଭା ଓ କଣ୍ଠରୁ ଆସୁଥିବା ଏପରି ସୁନ୍ଦର ସଙ୍ଗୀତରେ ବି.ଡ଼ି.ଓ ବହୁ ପ୍ରଭାବିତ ହୋଇଗଲେ। ଅପରୂପା ଥିଲେ ଶୋଭାଶ୍ରୀ। ତାଙ୍କର ଥିଲା ଭୂଲୁଠିତ ଘନ କୃଷ୍ଣ କୁଞ୍ଚିତ କେଶରାଶି, ଆଉ ଭ୍ରମରଭଳି ଚକ୍ଷୁଦ୍ୱୟ। ତାହା ସହ ଉଦିତ ପୂର୍ଣ୍ଣ ଚନ୍ଦ୍ରମା ଭଳି ଥିଲା ତାଙ୍କ ମୁଖର ଶୋଭା। ସେ ଥିଲେ ହେମାଙ୍ଗୀ, କ୍ଷୀଣୋଦରୀ ଆଉ ନିତମ୍ବିନୀ। ଗଳା ବିଭୂଷିତ ସ୍ୱର୍ଣ୍ଣ ଓ ମଣିମୁକ୍ତାର ମାଳମାନ ବକ୍ଷ ଉପରେ ଦୋଳି ତାଙ୍କର ବେଶ୍ ଶୋଭା ବର୍ଦ୍ଧନ କରୁଥିଲା। ନୀଳ ଶାଢ଼ୀ ପରିହିତା ଶୋଭାଶ୍ରୀଙ୍କ ଶୋଭା ଆଉ ତାଙ୍କ ସଙ୍ଗୀତର ବୀଣା ଜିଣା ସ୍ୱରରେ ମନ୍ତ୍ରମୁଗ୍ଧ ହୋଇ ପଡ଼ିଥିଲେ ଉପସ୍ଥିତ ସମସ୍ତ ଭକ୍ତମଣ୍ଡଳୀ।

ପୂଜା ସରିଗଲା। ଆଉ ବର୍ଷା ବି ଛାଡ଼ି ଯାଇଥିଲା। ଗ୍ରାମବାସୀମାନେ ନିଜ ନିଜର ଘରକୁ ଫେରି ଯାଇଥିଲେ। ବି.ଡି.ଓ ଅଜିତ ସିଂହ ମଧ୍ୟ ନିଜ ଅନୁଗତମାନଙ୍କୁ ନେଇ ସ୍ୱସ୍ଥାନକୁ ଫେରିଗଲେ। ମାତ୍ର ତାଙ୍କର ମନ ରହିଗଲା ଶୋଭାଶ୍ରୀଙ୍କ ଅପୂର୍ବ ରୂପ ଲାବଣ୍ୟ ଉପରେ। ସେ ଥିଲେ ଅବିବାହିତ। ତେଣୁ ଜମିଦାରଙ୍କ ଝିଅ ଶୋଭାଶ୍ରୀଙ୍କ ସହ ତାଙ୍କର ବିବାହ ନିମନ୍ତେ ସେ ପ୍ରସ୍ତାବ ପଠାଇଲେ। ଉଭୟ ପରିବାର ମଧ୍ୟ ଥିଲେ ଜାଠ ସଂପ୍ରଦାୟଭୁକ୍ତ। ମାତ୍ର ଜମିଦାର ରତିକାନ୍ତ ଚୌଧୁରୀ ପ୍ରଥମେ ଏପରି ପ୍ରସ୍ତାବରେ ଆଦୌ ରାଜି ହେଲେ ନାହିଁ। ଯେତେବେଳେ ଅଜିତ ସିଂହଙ୍କ ପକ୍ଷରୁ ବାରମ୍ବାର ଏପରି ପ୍ରସ୍ତାବ ପଠାଗଲା ଓ ବିବାହ ନିମନ୍ତେ ତାଙ୍କ ଘର ପକ୍ଷରୁ ଚାପ ଦିଆଗଲା ସେ ନିଜେ ଅଜିତ ସିଂହଙ୍କୁ ଡାକି ଗୁପ୍ତରେ କହିଲେ, "ଯଦି ଏହି ବିବାହ ହୁଏ ତେବେ ବିବାହର ବର୍ଷକ ପରେ ଶୋଭାଶ୍ରୀଙ୍କର ମୃତ୍ୟୁ ନିଶ୍ଚିତ ଭାବେ ହୋଇଯିବ"। ତେଣୁ ତାର ବିବାହ ନକରାଇବା ନିମନ୍ତେ ତାଙ୍କ ଗୁରୁଦେବ 'ସିଦ୍ଧବାବା'ଙ୍କର ଥିଲା ତାଙ୍କ ପ୍ରତି ଏହି କଠୋର ନିର୍ଦ୍ଦେଶ। ମାତ୍ର ବି.ଡି.ଓ ଅଜିତ ସିଂହଙ୍କୁ କଥାଟା ଆଦୌ ଭଲ ଲାଗିଲା ନାହିଁ। ସେ ଏପରି କଥା ସବୁରେ ଆଦୌ ବିଶ୍ୱାସ ରଖନ୍ତି ନାହିଁ ଆଉ ଭାବନ୍ତି ଏହାସବୁ ଅନ୍ଧବିଶ୍ୱାସ। ତେବେ ଜମିଦାର ଏପରି କଥାରେ ଆଉ ନ ଆଗେଇ ପୁନର୍ବାର ଗୁରୁ 'ସିଦ୍ଧବାବା'ଙ୍କର ଆଦେଶ ନେବା ନିମନ୍ତେ ତାଙ୍କୁ ଭେଟିବାକୁ ଗଲେ। ମାତ୍ର ଗୁରୁଦେବ 'ସିଦ୍ଧବାବା' ତାଙ୍କୁ ଦର୍ଶନ ଆଦୌ ଦେଲେ ନାହିଁ। ସିଦ୍ଧବାବା ହିମାଳୟର ବିଭିନ୍ନ ପାହାଡ଼ି ଗ୍ରାମରେ ସର୍ବଦା ବୁଲୁଥାନ୍ତି। ଜମିଦାର ଖବର ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲା ବେଳକୁ ତାର ଅଳ୍ପ କେତେ ସମୟ ପୂର୍ବରୁ 'ସିଦ୍ଧବାବା' ସେ ସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ଚାଲି ଯାଆନ୍ତି ବୋଲି ସେଠାର ଲୋକଙ୍କଠାରୁ ଶୁଣିବାକୁ ପାଉଥିଲେ। ତେବେ ଯେତେ ଚେଷ୍ଟା କଲେ ମଧ୍ୟ ସେ ତାଙ୍କ ଗୁରୁଦେବଙ୍କୁ ଆଦୌ ସାକ୍ଷାତ କରିପାରିଲେ ନାହିଁ।

ବିଧିର ବିଧାନ ଥିଲା ଅନ୍ୟ ପ୍ରକାରର। ଏ ଜଗତରେ ଯାହା ଘଟିବାର ଥାଏ ତାହାର ବ୍ୟତିକ୍ରମ ଆଦୌ ହୁଏ ନାହିଁ। ଜମିଦାର ଶେଷରେ ଅଜିତ ସିଂହଙ୍କ ସହିତ ନିଜ ଝିଅ ଶୋଭାର ବିବାହ କରିଦେଲେ ଓ ସେଦିନ ଥିଲା ଶରତ ମାସର ପୂର୍ଣ୍ଣିମା। ଜମିଦାର କହିଥିଲେ ଯେ ଗୁରୁଦେବ 'ସିଦ୍ଧବାବା'ଙ୍କର ଦର୍ଶନ କରି ତାଙ୍କ ଠାରୁ ଆଶୀର୍ବାଦ ନେଲେ ହୁଏତ ଭାଗ୍ୟରେ ଥିବା ଏପରି ଗତି କିଛିଟା ବଦଳି ଯାଇପାରେ। ବିବାହପରେ ନବ ବିବାହିତ ଦମ୍ପତି ବେଶ୍ ଆନନ୍ଦରେ କିଛି ମାସ କଟାଇଲେ। ମାତ୍ର ବିବାହବାର୍ଷିକୀ ଯେତିକି ପାଖେଇ ଆସୁଥିଲା ମନରେ ଭୟର ସଂଚାର ସେମାନଙ୍କର ସେତିକି ବଢ଼ି ଚାଲିଥିଲା। ଉଭୟେ ସ୍ୱାମୀ, ସ୍ତ୍ରୀ, ଜମିଦାର ଓ ତାଙ୍କ ପରିବାରର ଲୋକେ ଗୁରୁଦେବ ସିଦ୍ଧବାବାଙ୍କ ସନ୍ଧାନରେ ବାହାରି ପଡ଼ିଲେ। ପୂର୍ବଭଳି ସ୍ଥାନକୁ ସ୍ଥାନ ଖୋଜାଚାଲେ। ମାତ୍ର ସବୁ ବୃଥା। ବାବାଙ୍କୁ ସେମାନେ ଆଦୌ ପାଇପାରନ୍ତି ନାହିଁ। ଶେଷରେ ଜମିଦାର ଅନ୍ନଜଳ ତ୍ୟାଗ କରି ବାବାଙ୍କ ଧାରଣାରେ ବସି ରହିଲେ। ଜମିଦାର ଥିଲେ ବାବାଙ୍କର ପରମଭକ୍ତ ଏବଂ ତାଙ୍କ ଭକ୍ତି ଓ ବ୍ୟାକୁଳତା ଦେଖି ଗୁରୁଦେବ 'ସିଦ୍ଧବାବା' ଆବିର୍ଭୂତ ହୋଇ କଠୋର ଭାଷାରେ ତାଙ୍କୁ ବହୁ ତିରସ୍କାର କଲେ। ସତର୍କ ବି କରାଇଦେଲେ ଯେ ସେ ଯାହା କହିଛନ୍ତି ତାହାର ବ୍ୟତିକ୍ରମ ଆଦୌ ହେବ ନାହିଁ। ତେବେ ବର୍ଷ ପୂରିବାର ଠିକ୍ ପାଞ୍ଚଦିନ ଆଗରୁ ପରିବାରର ସମସ୍ତେ ସ୍ଥିର କଲେ ଯେ ଗୁରୁଦେବ ପାହାଡ଼ର ଯେଉଁ ଗୁମ୍ଫାରେ ରହୁଥାନ୍ତି ସେହିଠାରେ ହିଁ ଯାଇ ସେମାନେ ଶେଷ ଦିନ ପର୍ଯ୍ୟନ୍ତ ରହିଯିବେ। ଦିନ କ୍ରମଶଃ ନିକଟତର ହୋଇ ଆସିଲା। ଜମିଦାର, ତାଙ୍କ ସ୍ତ୍ରୀ, ଝିଅ, ଜ୍ୱାଇଁ ଓ ଜଣେ ବିଶ୍ୱସ୍ତ ଭୃତ୍ୟକୁ ନେଇ 'ସିଦ୍ଧବାବା'ଙ୍କ ରହିବା ସ୍ଥାନ ଅଭିମୁଖେ ଚାଲିଲେ। ବାବା ରହୁଥିଲେ କୁମାୟନର ଘୋର ଜଙ୍ଗଲ ମଧ୍ୟସ୍ଥ ଏକ ଛୋଟ ପାହାଡ଼ ଗୁମ୍ଫାରେ। ସେଠାରେ କିଛି ଦୂରରେ ପାହାଡ଼ି ଲୋକମାନଙ୍କର ଥିଲା ଏକ ଛୋଟ ଗ୍ରାମ। ପାହାଡ଼ ପରେ ପାହାଡ଼ ଓ ଜଙ୍ଗଲ ପରେ ଜଙ୍ଗଲ ସେମାନେ ଅତିକ୍ରମ କରି ଚାଲିଥାନ୍ତି। ଶେଷ ପାହାଡ଼ଟିଏ ଅତିକ୍ରମ କଲାପରେ ସେମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବାର ଲକ୍ଷ୍ୟରେ ରହିଥିଲେ। ମଝିରେ ପଡିଲା ଗୋଟିଏ ଛୋଟ ପାହାଡ଼ି ଝରଣା। ଝରଣା ଅତିକ୍ରମ କରିବା ପୂର୍ବରୁ ଶୋଭାଙ୍କ ମୁଣ୍ଡ ବୁଲାଇଦେଲା। ଦେହ କ୍ରମଶଃ ଝିମି ଝିମି ହେବାରେ ଲାଗିଲା। ତାଙ୍କର ଏପରି ଅବସ୍ଥା ଦେଖି ତାଙ୍କୁ ସେହି ପାହାଡ଼ି ଝରଣା ନିକଟକୁ ପାଣି ପିଆଇବା ନିମନ୍ତେ ପରିବାର ଲୋକେ ନେଇଗଲେ। ମାତ୍ର ସେଠାରେ ପହଞ୍ଚି ପାଣି ପିଇବା ପୂର୍ବରୁ ହିଁ ଶୋଭାଙ୍କର ମୃତ୍ୟୁ ହୋଇଗଲା। ଦେଖାଗଲା ପୂର୍ବ ବର୍ଷର ଠିକ୍ ସେହି ସମୟରେ ହିଁ ତାଙ୍କର ବିଭାଘର କାର୍ଯ୍ୟ ସରିଥିଲା। ଶୋଭାଙ୍କ ମୃତ୍ୟୁରେ ପରିବାରର ଲୋକମାନେ ଦୁଃଖରେ ଭାଙ୍ଗି ପଡ଼ିଲେ। ସେତେବେଳେ ଥିଲା ଅସମ୍ଭାଳ ଶୋକାକୁଳ ପରିସ୍ଥିତି। ତେବେ ଜମିଦାରଙ୍କ କଥାରେ ସମସ୍ତେ ଶୋଭାଙ୍କ ମର ଶରୀରକୁ ଧରି 'ସିଦ୍ଧବାବା'ଙ୍କ ଗୁମ୍ଫା ପାଖକୁ ଚାଲିଲେ। ଗୁମ୍ଫା ସମ୍ମୁଖରେ ଶବଟିକୁ ରଖି ବିନା ଖାଦ୍ୟ ପାନୀୟରେ ତିନିଦିନ ପର୍ଯ୍ୟନ୍ତ ସେଠାରେ ବାବାଙ୍କୁ ଧ୍ୟାନ କରି ବସି ରହିଲେ। ବାବାଙ୍କ ଗୁମ୍ଫା ଥିଲା ବାର ଫୁଟରେ ଦଶ ଫୁଟ ଲମ୍ବ ଓ ପ୍ରସ୍ଥ। ସବୁବେଳେ ବାବା ସେଠାରେ ରହୁନଥିଲେ। କେବଳ ଗୋଟିଏ ପାଣି ମାଠିଆ ଗୁମ୍ଫାର ଗୋଟିଏ କ'ଣରେ ଥୁଆ ହୋଇଥିଲା। ସିଦ୍ଧବାବା କେତେବେଳେ ସେଠାକୁ ଆସୁଥିଲେ ଓ ଯାଉଥିଲେ ତାହା ସେଠାର ପାହାଡ଼ି ଲୋକମାନଙ୍କୁ ବି ଜଣାନଥିଲା। ମାତ୍ର ମାସରେ ଥରେ ବା ଦୁଇ ଥର ସେଠାକୁ ଆସିବାର ଲୋକେ ଦେଖୁଥିଲେ ଓ ଅଳ୍ପ ସମୟପରେ ପୁଣି ଚାଲିଯାଉଥିଲେ। କେତେକଙ୍କଠାରୁ ଶୁଣିବାକୁ ମିଳିଲା ଯେ ଆସିଲାବେଳେ ବାବା ଆକାଶରୁ ସିଧା ଓହ୍ଲାନ୍ତି ଓ ଗଲାବେଳେ ମଧ୍ୟ ସେହି ଭଳି ଆକାଶରେ ପୁଣି ଅଦୃଶ୍ୟ ହୋଇ ଯାଇଥାନ୍ତି। ଶବ ଧରି ତିନି ଦିନ ବସିବା ପରେ ବାବାଙ୍କର ସେଠାରେ ହଠାତ୍ ଆବିର୍ଭାବ ହେଲା। ଗୋଟାଏ ଶବକୁ ପାଖରେ ରଖି ଅଖିଆ ଅପିଆ ସେଠାରେ ତିନିଦିନ ବସିଥିବାରୁ ସ୍ଥାନର ପବିତ୍ରତା ନଷ୍ଟ ହୋଇ ଗଲା ବୋଲି କହି 'ସିଦ୍ଧବାବା' ସେମାନଙ୍କୁ ବହୁ ଗାଳିଦେଲେ। ଜମିଦାର ଅତି ବ୍ୟାକୁଳରେ ବିନୟର ସହିତ ବାବାଙ୍କର ଆଶୀର୍ବାଦ ଭିକ୍ଷା କରିଚାଲିଥିଲେ। ବଜ୍ର ଗମ୍ଭୀର କଣ୍ଠରେ ଗାଳି ଦେଉଥିବା ବାବା ହଠାତ୍ ଖୁବ୍ ଶାନ୍ତ ହୋଇଗଲେ। ତାଙ୍କ ପ୍ରିୟ ଶିଷ୍ୟ ଜମିଦାରଙ୍କୁ କହିଲେ, "ତୁ ମୋ କଥାକୁ ବିଶ୍ୱାସ ନକରିବାରୁ ତାହାର ସତ୍ୟତା ହିଁ ତୋତେ ଦେଖିବାକୁ ପଡିଲା"। ପାଖ ପାହାଡ଼ି ଗ୍ରାମରୁ ଗୋଟିଏ ପୋଷା ଛୁଆ ହରିଣୀ ଆଣିବା ନିମନ୍ତେ 'ସିଦ୍ଧବାବା' ଜମିଦାରଙ୍କୁ ନିର୍ଦ୍ଦେଶ ଦେଲେ। ବହୁ ଖୋଜିବା ପରେ ପାଖରେ ଥିବା ଗୋଟିଏ ପାହାଡ଼ି ଗାଁ ମଧ୍ୟରୁ ସେହଭଳି ହରିଣୀଟିଏ ମିଳିଗଲା। ତାକୁ ସିଦ୍ଧବାବାଙ୍କ ସମ୍ମୁଖକୁ ଅଣାଗଲା। ତା ଦେହରେ ଏକ କ୍ଷତ ସୃଷ୍ଟି କରି ତାହାର ରକ୍ତ ଶୋଭାଶ୍ରୀଙ୍କ ପାଟିରେ ଦେବା ନିମନ୍ତେ ନିର୍ଦ୍ଦେଶ ଦେଲେ। ତାହାହିଁ କରାଗଲା। ଆଶ୍ଚର୍ଯ୍ୟର କଥା ହରିଣୀ ଛୁଆଟି ଅଳ୍ପ ସମୟ ମଧ୍ୟରେ ମରିଗଲା। ବାବା କହିଥିଲେ, "କିଛି ସମୟ ପରେ ଶୋଭା ବଞ୍ଚି ଉଠିବ। ମାତ୍ର ହରିଣୀର ପ୍ରକୃତି ପ୍ରଥମେ ତା'ଠାରେ ଦେଖାଯିବ ଓ ଆସ୍ତେ ଆସ୍ତେ ଆପେ ତାହା ଚାଲିଯିବ। ହରିଣୀଟି ଆଉ ଯେତେଦିନ ବଞ୍ଚିଥାନ୍ତା ଶୋଭା ମଧ୍ୟ ସେତିକି ଦିନ ପାଇଁ ସଂସାରରେ ବଞ୍ଚି ରହିବ।" ସିଦ୍ଧବାବାଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୋଭା ବଞ୍ଚିଉଠିଲା। ପ୍ରଥମେ ତା'ଠାରେ ହରିଣୀର ସ୍ୱଭାବ ଦେଖାଗଲା। ସିଦ୍ଧ ବାବା ଜମିଦାରଙ୍କୁ କହିଥିଲେ ଯେ ଯେହେତୁ ତୁ ମୋର ଅତ୍ୟନ୍ତ ଅନୁଗତ ଭକ୍ତ ତୋ ପାଇଁ ମୋତେ ଏହା ହିଁ କରିବାକୁ ପଡିଲା। ତୁମେସବୁ ଏଠାରେ ଶବଧରି ତିନିଦିନ ବସି ରହିଥିବା ମୁଁ ଜାଣୁଥିଲି। ମାତ୍ର ଭଗବାନଙ୍କ ସୃଷ୍ଟିର ପ୍ରକୃତିକୁ ମୁଁ ବିରୋଧ କରିବାକୁ ସାହସ କରୁନଥିଲି। କେବଳ ତୁମେ ମୋର ଜଣେ ଅନ୍ତରଙ୍ଗ, ଅନୁଗତ ଓ ଅନାସକ୍ତ ଭକ୍ତ ହୋଇଥିବାରୁ ପ୍ରକୃତିର ବିରୁଦ୍ଧରେ ଯାଇ ଏହା ମୋତେ କରିବାକୁ ପଡ଼ିଲା। ଏହା କହିବା ପରେ ବାବା ପୁନର୍ବାର ଶୂନ୍ୟରେ ମିଳେଇ ଗଲେ। ଜମିଦାର ଓ ତାଙ୍କ ପରିବାରର ଲୋକେ ନତଜାନୁ ହୋଇ କେବଳ ହାତଯୋଡ଼ି ସେହି ମହାମାନବଙ୍କର ଯିବା ପଥକୁ ସହସ୍ର ପ୍ରଣାମ ଜଣାଉଥିଲେ।

(ଉତ୍ତରାଖଣ୍ଡରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀକୁ ଆସିଥିବା ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ କଥାଟି ଶୁଣିଥିଲି। ମାତ୍ର ବହୁଦିନ ବିତିଯାଇଥିବାରୁ କଥାର ବହୁ ଅଂଶ ଭୁଲିଯାଇଛି।)

# ମହମ୍ମଦ ହନିଫ୍ : ଏ ଯୁଗର ସାଲବେଗ



ପ୍ରଭୁକଲ୍ୟାଣ ମହାପାତ୍ର
ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର
ଫୋନ୍ :୯୯୩୭୭୧୧୩୮୯
ଭୁବନେଶ୍ୱର

ମହମ୍ମଦ ହନିଫ୍ ଥିଲେ କଂଗ୍ରେସ ଦଳର ଜଣେ ବିଶିଷ୍ଟ ମୁସଲମାନ ନେତା, ଯିଏକି ନିଜର ଯୋଗ୍ୟତା ବଳରେ ବାଲେଶ୍ୱର ଜିଲ୍ଲା ବୋର୍ଡର ଚେୟାରମ୍ୟାନ, ଓଡିଶା ବିଧାନସଭାର ଉପ-ବାଚସ୍ପତି ଓ ପାର୍ଲାମେଣ୍ଟର ସଭ୍ୟ ଭଳି ସମ୍ମାନଜନକ ପଦବୀର ଅଧିକାରୀ ହୋଇ ପାରିଥିଲେ । ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ ସଂପାଦନ ସହିତ ଉଚ୍ଚକୋଟିର ଅମାୟିକ ବ୍ୟବହାର ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ସଂପ୍ରଦାୟ ମଧ୍ୟରେ ଶ୍ରଦ୍ଧାଭାଜନ କରି ଗଢି ତୋଳିଥିଲା । ସାଂପ୍ରଦାୟିକତା ବିରୁଦ୍ଧରେ ଆଜୀବନ ଲଢେଇ କରିଥିବା ହନିଫ୍ ବାବୁ ହିନ୍ଦୁ-ମୁସଲମାନ ଏକତାରେ ଦୃଢ ବିଶ୍ୱାସ ରଖିଥିଲେ । ଅତି ସରଳ ଓ ନିରାଡମ୍ବର ଜୀବନ ବିତାଇଥିବା ସାଧୁ ପ୍ରକୃତିର ଏହି ରାଜନେତା ଜଣକ ଏପରିକି ତାଙ୍କ ସଂପ୍ରଦାୟ ଓ ମୁସଲିମ୍ ଲିଗ୍‌ର ବିରୋଧ ସତ୍ତ୍ୱେ ଯାହା ଠିକ୍ ଭାବୁଥିଲେ ତାହା ଅବିଚଳିତ ଭାବରେ କାର୍ଯ୍ୟକାରୀ କରୁଥିଲେ । ତାଙ୍କର ଏହି ମହନୀୟ ଗୁଣ ପାଇଁ ଅନେକ ତାଙ୍କୁ ଏଯୁଗର ସାଲବେଗ ବୋଲି ଅଖ୍ୟାୟିତ କରିଥାଆନ୍ତି । ଅତ୍ୟନ୍ତ ଆର୍ଥିକ ଅସ୍ୱଚ୍ଛଳତା ଭିତରେ ଗତି କରିଥିବା ହନିଫ୍ ବାବୁ ଅବକାରୀ ସବ୍ ଇନ୍‌ସପେକ୍ଟର ଭଳି ଲାଭପ୍ରଦ ସରକାରୀ ଚାକିରୀକୁ ସ୍ୱ-ଇଚ୍ଛାରେ ତ୍ୟାଗ କରି ଗାନ୍ଧିଜୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ । ତାଙ୍କର ଏଭଳି ନିଷ୍ପତ୍ତି ହନିଫ୍ ବାବୁଙ୍କୁ ସ୍ୱେଚ୍ଛାକୃତ ଭାବେ ଉକ୍ରଟ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥିଲା। ଏହା ସତ୍ତ୍ୱେ ରାଜନୈତିକ ଜୀବନରେ ସେ ଅତ୍ୟନ୍ତ ସାଧୁତା ଏବଂ ସଚ୍ଚୋଟତା ଅବଲମ୍ବନ କରି ସମସ୍ତ ମହଲରେ ପ୍ରିୟଭାଜନ ହୋଇ ପାରିଥିଲେ । ପାର୍ଲାମେଣ୍ଟର ସଭ୍ୟ ଭାବରେ ସେ ମୃତ୍ୟୁବରଣ କରିବା ସମୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୧୭ ଟଙ୍କା ଥିଲା, ଯାହାକି ସାଧାରଣ ଜୀବନରେ ତାଙ୍କ ସଚ୍ଚୋଟତାର ସ୍ପଷ୍ଟ ପ୍ରମାଣ ଦିଏ। ପ୍ରଚଣ୍ଡ ସ୍ୱାଭିମାନୀ ହନିଫ୍ ବାବୁ ଉକ୍ରଟ ଦାରିଦ୍ର୍ୟ ଭିତରେ କାଳାତିପାତ କରିଥିଲେ ସୁଦ୍ଧା ନିଜର ଅଭାବ, ଅସୁବିଧା ସଂପର୍କରେ କାହାକୁ ଜଣାଉ ନଥିଲେ କିମ୍ବା ଅନ୍ୟ ପାଖରେ ହାତ ପତାଉନଥିଲେ । ତାଙ୍କର ଦୁର୍ଗତି ବିଷୟରେ ଅବଗତ କିଛି ଘନିଷ୍ଠ ବ୍ୟକ୍ତି ହନିଫ୍ ବାବୁଙ୍କୁ ଦୁର୍ଦ୍ଦିନରେ ସହାୟତାର ହାତ ବଢାଉଥିଲେ । ଭଦ୍ରକ ସହରର କାଜି ମହଲାରେ ୧୮୯୯ ଜୁଲାଇ ୧୨ ତାରିଖରେ ଜନ୍ମ ଗ୍ରହଣ କରିଥିବା ମହମ୍ମଦ ହନିଫ୍ ୬୮ ବର୍ଷ ବୟସରେ ୧୯୬୭ ଅକ୍ଟୋବର ୬ ତାରିଖରେ ପରଲୋକ ଗମନ କରିଥିଲେ । ମୃତ୍ୟୁର ଦୁଇ ମାସପରେ ଓଡିଶା ବିଧାନସଭାରେ ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇ ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ସେହି ଶୋକ ପ୍ରସ୍ତାବରୁ ହିଁ ହନିଫ୍ ବାବୁଙ୍କ ମହନୀୟ ବ୍ୟକ୍ତିତ୍ୱର ସାମାନ୍ୟ ଝଲକ ମିଳିଥାଏ । ସେତେବେଳର ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଦର୍ଶାଇଥିଲେ, ସ୍ୱାଧୀନତା ସଂଗ୍ରାମର ସୈନିକ ଥିବା ମହମ୍ମଦ ହନିଫ୍ ଏହି ବ୍ୟବସ୍ଥା ସଭାର ମଧ୍ୟ ଉପ-ବାଚସ୍ପତି ଥିଲେ । ନିଜର ଅମାୟିକ ବ୍ୟବହାର ଦ୍ୱାରା ସେ କେବଳ ତାଙ୍କ ସହକର୍ମୀ ନୁହଁନ୍ତି ବରଂ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କର ପ୍ରିୟଭାଜନ ହୋଇ ପାରିଥିଲେ । ତାଙ୍କ ବିୟୋଗରେ ଦେଶର ଅଶେଷ କ୍ଷତି ଘଟିଛି । ତଦାନୀନ୍ତନ ବିରୋଧୀ ଦଳ ନେତା ସଦାଶିବ ତ୍ରିପାଠୀ ଉଲ୍ଲେଖ କରିଥିଲେ, ଉଭୟ ବିଧାନସଭା ଓ ପାର୍ଲାମେଣ୍ଟର ସଭ୍ୟ ଥିବା ହନିଫ୍ ବାବୁ ଅତି ସରଳ ଓ ସାଧୁ ପ୍ରକୃତିର ଲୋକ ଥିଲେ । ସେ ମୁସଲମାନ ହୋଇଥିଲେ ସୁଦ୍ଧା ହିନ୍ଦୁମାନଙ୍କ ମଧ୍ୟରେ ବେଶ୍ ଆଦରଣୀୟ ହୋଇ ପାରିଥିଲେ । ମୁସଲମାନ ସଂପ୍ରଦାୟରେ ମଧ୍ୟ ତାଙ୍କର ଯଥେଷ୍ଟ ପ୍ରତିପତ୍ତି ଥିଲା । ତାଙ୍କ ଦେହାନ୍ତରେ ଉଭୟ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ବିଶେଷ କ୍ଷତି ଘଟିଛି । ବାଲେଶ୍ୱରର ବିଧାୟକ ରବୀନ୍ଦ୍ର ମୋହନ ଦାସ ଜଣାଇଥିଲେ, ଓଡିଆ ରାଜନୀତିରେ ବହୁଦିନ ଧରି ରହିଥିବା ପୂର୍ବତନ ଉପ- ବାଚସ୍ପତି ମହମ୍ମଦ ହନିଫ୍ କଂଗ୍ରେସ ଦଳର ଜଣେ ବିଶିଷ୍ଟ ମୁସଲମାନ ନେତା ଥିଲେ । ତାଙ୍କ ସଂପ୍ରଦାୟ ଏବଂ ମୁସଲିମ୍ ଲିଗ୍‌ର ବିରୋଧ ସତ୍ତ୍ୱେ ସେ ଯାହା ଠିକ୍ ବିଚାର କରୁଥିଲେ, ଅବିଚାଳିତ ଭାବରେ ତାହା ସଂପାଦନ କରୁଥିଲେ । ହିନ୍ଦୁ- ମୁସଲମାନ ଏକତାରେ ସେ ଦୃଢ ବିଶ୍ୱାସ ରଖୁଥିଲେ । ନିଜ ଯୋଗ୍ୟତା ବଳରେ ସେ ଉପ-ବାଚସ୍ପତି ବ୍ୟତିରେକେ ବାଲେଶ୍ୱର ଜିଲ୍ଲା ବୋର୍ଡର ଚେୟାରମ୍ୟାନ ମଧ୍ୟ ଥିଲେ । ବୋର୍ଡର ଚେୟାରମ୍ୟାନ ରୂପେ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ ସଂପାଦନ କରି ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ଅସଦ୍ ଉପାୟରେ ଅର୍ଥ ସଂଗ୍ରହ କରି ବଡଲୋକ ହେବାର ଆକାଂକ୍ଷା ତାଙ୍କର କେବେ ନଥିଲା । ମୃତ୍ୟୁ ବେଳକୁ ସେ ପାର୍ଲାମେଣ୍ଟ ସଦସ୍ୟ ଥିଲେ ମଧ୍ୟ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ କେବଳ ସତର ଟଙ୍କା ସଞ୍ଚିତ ଥିଲା । ସେ ଯେଭଳି ଘରେ ରହୁଥିଲେ, ସାଧାରଣ ଲୋକଙ୍କ ସହିତ ମିଶୁଥିଲେ, ତାହା ସମସ୍ତଙ୍କୁ ବିସ୍ମିତ କରୁଥିଲା । ତାଙ୍କର ଚାଲିଚଳଣ ଓ ରହଣୀ ଅତି ସାଧାରଣ ଥିଲା । ସେଥିପାଇଁ ସେ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହୋଇପାରିଥିଲେ । ବେଗୁନିଆ ସଭ୍ୟ ଗଂଗାଧର ପାଇକରାୟ ଉଲ୍ଲେଖ କରିଥିଲେ, ସାଂପ୍ରଦାୟିକତା ବିରୁଦ୍ଧରେ ବିଭିନ୍ନ ସମୟରେ ମତବ୍ୟକ୍ତ କରୁଥିବା ହନିଫ୍ ବାବୁ ଜଣେ ଉଚ୍ଚକୋଟିର ଅମାୟିକ ବ୍ୟକ୍ତି ଥିଲେ । ଖଲିକୋଟ ବିଧାୟକ ନାରାୟଣ ସାହୁ ଦର୍ଶାଇଥିଲେ, ସଂପ୍ରଦାୟିକତା ବିରୁଦ୍ଧରେ ଆଜୀବନ ସଂଗ୍ରାମ କରିଥିବା ହନିଫ୍ ବାବୁ ଜାତୀୟ ଆନ୍ଦୋଳନକୁ ଉଲ୍ଲେଖନୀୟ ଅବଦାନ ପାଇଁ ସବୁଦିନ ମନେ ରହିବେ । ଆଠଗଡ ସଦସ୍ୟ ରାଧାନାଥ ରଥ କହିଥିଲେ ହନିଫ୍ ବାବୁ ମୋର ଜଣେ ଅନ୍ତରଂଗ ବନ୍ଧୁ ଥିଲେ । ତାଙ୍କ ଭଳି ସରଳ ପ୍ରାଣତ୍ୟାଗୀ କର୍ମୀ କ୍ୱଚିତ ଦେଖାଯାଆନ୍ତି । ସେ ସବୁ ସଂପ୍ରଦାୟର ବିଶ୍ୱସ୍ତ ଥିଲେ । ଜୀବନରେ ବହୁ ଦୁଃଖ ଭୋଗିଥିଲେ ମଧ୍ୟ ସେ ନୀତି ଭ୍ରଷ୍ଟ ହୋଇନଥିଲେ କିମ୍ବା ତାଙ୍କ ଆଚାରଣରେ କଳଙ୍କି ଲାଗି ନଥିଲା । ବାସୁଦେବପୁର ବିଧାୟକ ଡ଼ଃ ହରେକୃଷ୍ଣ ମହତାବ ଜଣାଇଥିଲେ, "ହନିଫ୍ ସାଂଗରେ ମୋର ଖୁବ ପରିଚୟ ଥିଲା । ଏକା ସାଂଗରେ ଆମେ ପାଠ ପଢିଥିଲୁ ଓ ପାଶ ମଧ୍ୟ କରିଥିଲୁ । ଅନ୍ୟମାନେ ହୁଏତ ଜାଣିନଥିବେ ସେ ମେଟ୍ରିକ ପାଶ କରି ଅବକାରୀ ସବ୍-ଇନ୍‌ସପେକ୍ଟର ହୋଇଥିଲେ । ଚାରିବର୍ଷ ପରେ ସେହି ଚାକିରି ଛାଡି ୧୯୨୧ ମସିହାରେ ଅସହଯୋଗ ଅନ୍ଦୋଳନରେ ସାମିଲ ହୋଇଥିଲେ । ସେତେବେଳେ ଖୁବ୍ କମ୍ ଲୋକ ଓଡିଶାରେ ସରକାରୀ ଚାକିରି ଛାଡିଥିଲେ । ଚାକିରି ଛାଡିଥିବା ବ୍ୟକ୍ତିମାନେ ହେଲେ ଗୋପବନ୍ଧୁ ଚୌଧୁରୀ (ଡେପୁଟି ମାଜିଷ୍ଟ୍ରେଟ), ସର୍ଦ୍ଦାର ସୁରେନ୍ଦ୍ର(ପୋଲିସ ସବ୍-ଇନ୍‌ସପେକ୍ଟର) ଏବଂ ମହମ୍ମଦ ହନିଫ୍ (ଅବକାରୀ ସବ ଇନ୍‌ସପେକ୍ଟର) । ହୁଏତ ସେତେବେଳେ ଚାକିରିରେ ରହିଥିଲେ ତାଙ୍କର କେତେ କଣ ଉନ୍ନତି ହୋଇପାରି ଥାଆନ୍ତା । କିନ୍ତୁ ସେ ଚାକିରି ଛାଡି ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପର ଠାରୁ ଅତି ଗରିବ ଭାବରେ ଚଳି ଆସୁଥିଲେ । ସେ ଅତି ଅଭିମାନୀ ଥିଲେ ଓ ନିଜ ଗରିବ ଅବସ୍ଥା ସଂପର୍କରେ କୌଣସି ଠାରେ ପ୍ରକାଶ କରୁନଥିଲେ । କୌଣସି ଲୋକ ଯଦି ଜାଣି ପାରୁଥିଲେ ଯେ ସେ ଅତି କଷ୍ଟରେ ଚଳୁଛନ୍ତି, ତେବେ ତାଙ୍କୁ ଘରୋଇ ଭାବରେ ଆଣି କିଛି ଦେଉଥିଲେ । ଶେଷ ପର୍ଯ୍ୟନ୍ତ ସେ ସେଭଳି ଭାବରେ ଚଳି ଆସୁଥିଲେ । ତାଙ୍କ ବିୟୋଗରେ ମୁଁ ସମବେଦନା ଜ୍ଞାପନ କରୁଛି ।" ନୟାଗଡ ସଭ୍ୟ ଅଚ୍ୟୁତାନନ୍ଦ ମହାନ୍ତି ଦର୍ଶାଇଥିଲେ, ସାଲବେଗ ଯେଭଳି ମୁସଲମାନ ହୋଇ ମଧ୍ୟ ହିନ୍ଦୁ ମାନଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ, ମହମ୍ମଦ ହନିଫ୍ ମଧ୍ୟ ନିଜର ମହନୀୟ ବ୍ୟକ୍ତିତ୍ୱ ବଳରେ ହିନ୍ଦୁ ସମାଜକୁ ତାଙ୍କ ପ୍ରତି ଆକୃଷ୍ଟ କରିପାରିଥିଲେ । ବାଚସ୍ପତି ନନ୍ଦ କିଶୋର ମିଶ୍ର ଉଲ୍ଲେଖ କରିଥିଲେ, "ମହମ୍ମଦ ହନିଫ ମୋର ସମସାମୟିକ ଥିଲେ । ତାଙ୍କର ଆଚରଣ ଅତି ଉଚ୍ଚକୋଟିର ଥିଲା ଏବଂ ତାଙ୍କ ମୃତ୍ୟୁରେ ମୁଁ ବିଶେଷ ଭାବରେ ମର୍ମାହତ । ତାଙ୍କ ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛି। ଦିବଂଗତ ନେତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇବା ଲାଗି ସମସ୍ତ ସଭ୍ୟ ଦୁଇ ମିନିଟ ଦଣ୍ଡାୟମାନ ହୁଅନ୍ତୁ।" ଏହାପରେ ବାଚସ୍ପତି ବିଧାନସଭାର କାର୍ଯ୍ୟ ଦିବଂଗତ ନେତାଙ୍କ ପ୍ରତି ସମ୍ମାନ ପୂର୍ବକ ଗୃହକୁ ମୁଲତବୀ କରିଦେଇଥିଲେ।

# ପଶ୍ଚିମ ଏସିଆରେ ଯୁଦ୍ଧର କଳାବାଦଲ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଲେବାନନ ବିରୁଦ୍ଧରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ହେଜବୁଲା ମୁଖ୍ୟ ହାସନ ନସ୍‌ରାଲକୁ ହତ୍ୟା ଘଟଣା ସମଗ୍ର ପଶ୍ଚିମ ଏସିଆରେ ଯୁଦ୍ଧର କଳାବାଦଲ ଡାକି ଦେଇଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ଗତବର୍ଷ ଅକ୍ଟୋବର ମାସ ସାତ ତାରିଖରୁ ଦୀର୍ଘ ଏକ ବର୍ଷ ଧରି ଗାଜାରେ ହମାସ ଆତଙ୍କବାଦୀ ସଂଗଠନ ବିରୁଦ୍ଧରେ ଇସ୍ରାଏଲର କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଥିବାବେଳେ ଏବେ ହମାସ୍ ପରେ ଅନ୍ୟତମ ଆତଙ୍କବାଦ ସଂଗଠନ ହେଜବୋଲା ଓ ହୁତି' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହେଜବୋଲା ମୁଖ୍ୟ ନସ୍‌ରାଲ ହତ୍ୟା ନେଇ ଇରାନର ସର୍ବୋଚ୍ଚ ନେତା ଆୟୋତୋଲା ଖୋମିନ ପ୍ରତିଶୋଧ ପାଇଁ ଆହ୍ୱାନ ଦେବା ପରେ ଏବେ ଏହା ଏକ ବିପଦଜନକ ମୋଡ ନେଇଛି। ଯେକୌଣସି ମୁହୂର୍ତ୍ତରେ ଘମାଘୋଟ ଯୁଦ୍ଧ ଲାଗିଯିବାର ଆଶଙ୍କା ସୃଷ୍ଟି ହୋଇଛି। କହିବା ବାହୁଲ୍ୟ ଯେ, ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଯୋଗଦେବା ଅବସରରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟୁହ ଲେବାନନ ସହ ହେଜବୁଲା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକି ଜାତିସଂଘ ଅଧିବେଶନରେ ଯୋଗଦେଇଥିବା ରାଷ୍ଟ୍ର ବା ସରକାରୀ ମୁଖ୍ୟମାନଙ୍କୁ ଚକିତ କରିଛି। ଯେତେବେଳେ ବିଶ୍ୱ ସଂସ୍ଥା ପଶ୍ଚିମ ଏସୀୟ ଅଂଚଳରେ ଶାନ୍ତି ପ୍ରତିଷ୍ଠା, ଅସ୍ତ୍ରବିରତ ପାଇଁ ପ୍ରସ୍ତାବ ଗ୍ରହଣ କରିଛି, ଠିକ୍ ସେହି ସମୟରେ ବିଶ୍ୱନେତାଙ୍କୁ ହେୟଜ୍ଞାନ କରି ଇସ୍ରାଏଲ ଲେବାନନ ଓ ହେଜବୋଲା ସହ ହୁତି ଉପରେ ଆକ୍ରମଣକୁ ଶାଣିତ କରିଛି। ଏହା ନିସନ୍ଦେହ ଯେ, ବିଶ୍ୱ ସଂସ୍ଥାକୁ ବେଖାତିର କରି ଇସ୍ରାଏଲର ଯୁଦ୍ଧଖୋର ମନୋଭାବ ସମ୍ପୂର୍ଣ୍ଣ ଅଂଚଳ ଏକ ବିପଦଜନକ ପରିସ୍ଥିତି ଉପ୍ନନ୍ନ କରିଛି। ଯେ କୌଣସି ସମୟରେ ଘମାଘୋଟ ଯୁଦ୍ଧ ଲାଗିବା ଆଶଙ୍କା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଇତିମଧ୍ୟରେ ଇସ୍ରାଏଲର ଲଗାତାର ଆକ୍ରମଣରେ ହେଜବୋଲାର ଏକ ଡର୍ଜନରୁ ଊର୍ଦ୍ଧ୍ୱ ନେତା, କମାଣ୍ଡର ନିହତ ହୋଇଥିବାବେଳେ ଶହଶହ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ହମାସ ପରି ହେଜବୋଲାଙ୍କୁ ସମୂଳେ ଧ୍ୱଂସ କରିବା ପାଇଁ ଇସ୍ରାଏଲ ସଂକଳ୍ପ ଘୋଷଣା କରିଛି। ଲେବାନନର ଘନ ଜନବସତି ମଧ୍ୟରେ ହେଜବୋଲା ନିଜର ଆଡ୍ଡା କରିଥିବାବେଳେ ଇସ୍ରାଏଲ ଏହାକୁ ନିଶାଣ କରିଛି। ଯାହାର ପରିଣତି ସ୍ୱରୂପ ଶହ ଶହ ସାଧାରଣ ଲୋକ ପ୍ରାଣ ହରାଉଛନ୍ତି। ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଜଣେ ହେଜବୋଲା ସଦସ୍ୟର ମୃତ୍ୟୁ ପାଇଁ ୧୦୦ରୁ ୧୫୦ ସାଧାରଣ ଲୋକଙ୍କ ଜୀବନ ଯାଉଛି। କେବଳ ଏତିକି ନୁହେଁ, ଇସ୍ରାଏଲର ଆକ୍ରମଣରେ କେବଳ କେବଳ ହେଜବୋଲାର ଆଡ୍ଡାସ୍ଥଳ ଧ୍ୱଂସ ହେଉନାହିଁ। ଆଖପାଖରେ ଥିବା ବହୁ କୋଠାବାଡି ମଧ୍ୟ ଧ୍ୱଂସ ହୋଇଯାଉଛି। ଆହୁରି ମଧ୍ୟ ଆହତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ଚିକିତ୍ସା ପାଇଁ ହସ୍‌ପିଟାଲରେ ସ୍ଥାନାଭାବ ଏବଂ ଡାକ୍ତରଙ୍କ ଅଭାବ ଏବେ ମୁଖ୍ୟ ସଂକଟ ଭାବେ ଉଭାହୋଇଛି। ସମ୍ଭାବ୍ୟ ଧ୍ୱଂସାତ୍ମକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲେବାନନ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଥିବାବେଳେ ଇସ୍ରାଏଲ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ ହେଜବୁଲା ମୁଖ୍ୟ ନସରଲାରେ ମୃତ୍ୟୁ ନେଇ ବହୁ ମୁସଲିମ୍ ସଂଗଠନ ରକ୍ତମୁଖା ହୋଇଥିବା ରିପୋର୍ଟ ମିଳିଥିବା ବେଳେ ଇରାନର ସର୍ବୋଚ୍ଚ ଧାର୍ମିକ ନେତା ଖୋମିନୀ ଏବେ ନିରାପଦ ସ୍ଥାନରେ ଆଶ୍ରୟ ନେଇଛନ୍ତି, ଯାହାକି ଦୀର୍ଘକାଳୀନ ଯୁଦ୍ଧଚାଲିବା ସଂକେତ ପ୍ରଦାନ କରେ। ପଶ୍ଚିମ ଏସିଆ ଯେ, ପୁଣି ଅଶାନ୍ତି, ଯୁଦ୍ଧ ମୁହାଁ ହୋଇଛି, ଏହା ନିସନ୍ଦେହରେ କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ହମାସ ଉପରେ ଇସ୍ରାଏଲର ଆକ୍ରମଣ ଏକବର୍ଷ ପୁରିବାକୁ ଆଉମାତ୍ର ୧ସପ୍ତାହରୁ କମ୍ ଥିବାବେଳେ ଯୁଦ୍ଧ ସମସ୍ତ ରେଡ୍ ଲାଇନ ଅତିକ୍ରମ କରିଛି। ଆକ୍ରମଣ ବନ୍ଦ କରିବା ଲାଗି ଜାତିସଂଘର ବାରମ୍ବାର ଆହ୍ୱାନ, ପ୍ରସ୍ତାବ ଗ୍ରହଣ ସତ୍ତ୍ୱେ ଏପରିକି ଇସ୍ରାଏଲର ମୁଖ୍ୟ ସହଯୋଗୀ ଆମେରିକାର ଅନୁରୋଧକୁ ନେତାନ୍ୟୁହ ଅଗ୍ରାହ୍ୟ କରିଦେଇଛନ୍ତି। ଏଥିରୁ ହମାସ ବିରୁଦ୍ଧରେ ଇସ୍ରାଏଲର ଶାଣିତ ଆକ୍ରମଣ କେତେ ଭୟଙ୍କର ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଗାଜାରେ ଇସ୍ରାଏଲରେ ୪୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଥିବାବେଳେ ବେସରକାରୀ ଭାବେ ମୃତକଙ୍କ ସଂଖ୍ୟା ଆହୁରି ବଢିପାରେ। କେବଳ ଏତିକି ନୁହେଁ, ଗାଜାରେ ମାନବୀୟ ସଂକଟ ମଧ୍ୟ ସବୁ ସୀମା ସରହଦ ଆକ୍ରମଣ କରିସାରିଲାଣି। ଖାଦ୍ୟ, ପାନୀୟ, ଔଷଧ ଅଭାବରୁ ହାହାକର ସ୍ଥିତି ଉପୁଜିଛି। ଗାଜାର ନିରୀହ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ଜାତିସଂଘ ସମ୍ପୂର୍ଣ୍ଣ ଅସମର୍ଥ ଓ ବିଫଳ ହୋଇଛି। ଏବେ ଲେବାନନ ଉପରେ ଯୁଦ୍ଧକୁ ଆହୁରି ଯୋରଦାର କରିବାପାଇଁ ଇସ୍ରାଏଲ ଘୋଷଣା କରିଛି। ଲେବାନନ ଆଉ ଏକ ଗାଜାରେ ପରିଣତ ହେବା ପୂର୍ବରୁ ଅନ୍ତର୍ଜାତିକ ସମୁଦାୟ ଅସ୍ତ୍ରବିରତି ତଥା ଯୁଦ୍ଧ ବନ୍ଦ ଲାଗି ସଫଳ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଅନ୍ୟଥା ତୃତୀୟ ବିଶ୍ୱ ଯୁଦ୍ଧ ଆଉ ବେଶୀ ଦୂର ନୁହେଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଅକ୍ଟୋବର ୨୦୨୪ ରବିବାର






ମା' ଶୈଳ ପୁତ୍ରୀ


ମା' ବ୍ରହ୍ମଚାରିଣୀ


ମା' ଚନ୍ଦ୍ରଘଣ୍ଟା


ମା' କୁଷ୍ମାଣ୍ଡା


ମା' ସ୍କନ୍ଦମାତା


ମା' କାତ୍ୟାୟନୀ


ମା' କାଳରାତ୍ରୀ


ମା' ମହାଗୌରୀ


ମା' ସିଦ୍ଧଦାତ୍ରୀ

**କେନ୍ଦୁଝର: ମା' ଦୁର୍ଗା ମନ୍ଦିରରେ ମା' ଦୁର୍ଗାଙ୍କର ନବଦୁର୍ଗା ରୂପ (ଫଟୋ: ସୁରଜିତ ନ୍ୟୁଜ୍)**

## ବିଜେପି କାର୍ଯ୍ୟାଳୟରେ ଭଙ୍ଗାରୁଜା, ଥାନାରେ ମାମଲା ରୁଜୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ପଞ୍ଚାୟତ ଦୁବଗଡ଼ିଆ ମୌଜାର ୧୬ନଂ ଜାତୀୟ ରାଜପଥ କଡ଼ରେ ଥିବା ବିଜେପି କାର୍ଯ୍ୟାଳୟକୁ କେହି ଦୁର୍ବୃତ୍ତ ଟେକା ପଥର ମାଡକରି ଝରକା କାଚକୁ ଭାଙ୍ଗି ଦେଇଥିବା ବେଳେ ଆଗରେ ଲାଗିଥିବା ସମସ୍ତ ବ୍ୟାନର ଓ ହୋର୍ଡିଂକୁ ଚିରି ଦେଇଛନ୍ତି । ଗତ ନିର୍ବାଚନରେ ପରାଜିତ ବିଜେପି ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ପକ୍ଷରୁ ମଣ୍ଡଳ କର୍ମକର୍ତ୍ତାମାନେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଧର୍ମଶାଳା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ ବିଜେପିର ଦୁଇଗୋଷ୍ଠୀ ସ୍ମୃତିରେଖା ପହି ଓ ସ୍ଥାନୀୟ ସ୍ୱାଧୀନ ବିଧାୟକ ହିମାଂଶୁଶେଖର ସାହୁଙ୍କ ମଧ୍ୟରେ ବିବାଦ ଏବେ ତୀବ୍ର ହେବାରେ ଲାଗିଛି । ପ୍ରତିକ୍ଷେତ୍ରରେ ବିରୋଧ ହେବାରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଅଶାନ୍ତି ବାତାବରଣ ସୃଷ୍ଟି ହେଲାଣି ।

## ଗାଧୋଇବାକୁ ଯାଇ ପାଣିରେ ବୁଡି ଯୁବତୀ ମୃତ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଗାଧୋଇବାକୁ ଯାଇ ପାଣିରେ ବୁଡି ଯୁବତୀ ମୃତ । ଏପରି ଏକ ଅଘଟଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାରେ। ଜିଲ୍ଲାର ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ଓଡ଼ିଆ ଗୁଡାର ପ୍ରମିଳା ଓଡ଼ିଆ (୩୨) ସକାଳ ୮ଟା ସମୟରେ ନିଜ ଘର ନିକଟରେ ଥିବା ଏକ ବନ୍ଧରେ ଗାଧୋଇବାକୁ ଯିବା ସମୟରେ ନିଜର ଗୋଡ଼ ଖସି ଯିବାରୁ ବନ୍ଧରେ ପଡି ମୃତ୍ୟୁ ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକେ ଜାଣିବା ପରେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ଅଧିକାରୀ ପହଞ୍ଚି ବନ୍ଧରୁ ପ୍ରମିଳାକୁ ଉଦ୍ଧାର କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । କିନ୍ତୁ ଚିକିତ୍ସାଳୟରେ ପହଁଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରମିଳାଙ୍କ ମୃତ୍ୟୁ ଖବର ପାଇବା ପରେ ଦଳପତିଗୁଡା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ପରିବାର ଲୋକେ ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ଦେବଦତ ମଲ୍ଲିକ ସଙ୍ଗେ ସଙ୍ଗେ ଥାନା ଏକ ପୋଲିସ ଟିମ୍ ଚିକିତ୍ସାଳୟକୁ ପଠାଇଥିଲେ । ମାଥିଲି ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ପ୍ରଦୀପ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## କଣ୍ଟାବାଞ୍ଜି ପ୍ରେସ୍ କ୍ଲବ୍ ପକ୍ଷରୁ ମାଗଣା ମଧୁମେହ ଓ ରକ୍ତଚାପ ପରୀକ୍ଷା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଗାନ୍ଧୀ ଜୟନ୍ତୀ ଅବସରରେ କଣ୍ଟାବାଞ୍ଜି ସାପ୍ତାହିକ ବଜାର (ବସ୍‌ଷ୍ଟାଣ୍ଡ)ରେ ପ୍ରେସ୍ କ୍ଲବ ପକ୍ଷରୁ ନିଃଶୁଳ୍କ ମଧୁମେହ, ରକ୍ତଚାପ, ବ୍ଲଡ଼ ଗ୍ରୁପ୍, ଓଜନ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିର ମାଧ୍ୟମରେ ଲୋକଙ୍କୁ ସୁସ୍ଥ ଉପରେ ମଧ୍ୟ ସଚେତନ କରାଯାଇଥିଲା । ପ୍ରାୟ ୨୨୫ରୁ ଅଧିକ ଲୋକଙ୍କ ପରୀକ୍ଷା କରଯାଇଥିଲା । ପ୍ରେସ୍ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ସମ୍ପାଦକ ସୁରଦାସ ବାଗ, କୋଷାଧ୍ୟକ୍ଷ ହନୀ ସିଂ, ଉପଦେଷ୍ଟା ଆଶିଷ ଖୈତାନ, ଶିବିର ସଂଯୋଜକ ଆନନ୍ଦ ମୋଟେ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିବା ବେଳେ ଏହି ଶିବିରକୁ ସଫଳ କରିବାରେ ରାୟପୁର ନାରାୟଣା ଏମଏମଆଇ ହସ୍ପିଟାଲ, ସାର୍ବଜନୀକ ବଜାର ଦୂର୍ଗା ପୂଜା କମିଟି, ଲ୍ୟାବ ଟେକ୍‌ନିସିଆନ୍ ବଲ ମେହେର ସହ ଅନ୍ୟ ମାନେ ସହଯୋଗ କରିଥିଲେ ।

## ଶେଷରେ କଢ଼ାଗଲା ତ୍ରୁଟିପୂର୍ଣ୍ଣ ଫଳକ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ସଂସ୍କୃତି ଭବନ ନିକଟରେ ଲାଗିଥିବା ଏକ ତ୍ରୁଟିପୂର୍ଣ୍ଣ ସୂଚନା ଫଳକକୁ କାଢ଼ିବା ପାଇଁ ଶେଷରେ ରାସ୍ତା ଓ ଗୃହ ବିଭାଗର ଦୃଷ୍ଟି ପଡିଛି । ଗତ ସରକାର ସମୟରେ ତତ୍କାଳୀନ ଫାଇଭଟି ସଚିବଙ୍କ କେନ୍ଦୁଝର ଗସ୍ତ ପୂର୍ବ ରାତ୍ରିରେ ତରବରିଆ ଭାବେ ଏକ ତ୍ରୁଟିପୂର୍ଣ୍ଣ ସୂଚନା ଫଳକ ଲଗାଯାଇଥିଲା। ଯେଉଁଥିରେ ଜାମୁନାଳିଆ ଠାରୁ ଧୁପଦା ରାସ୍ତା ଲେଖାଥିଲା। ଏହା ବାସ୍ତବରେ ଅନ୍ୟ ଏକ ସ୍ଥାନର ଫଳକ ଭୁଲ୍ ବଶତଃ ଏଠାରେ ଲଗାଯାଇଥିଲା। ଏ ବିଷୟରେ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଓ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ଏହି ତ୍ରୁଟିକୁ ସୁଧାରିବା ପାଇଁ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ନିର୍ବାଚନରେ ସରକାର ପରିବର୍ତ୍ତନ ପରେ ଫଳକରେ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଫୋଟୋ କୁ ଷ୍ଟିକର ମାରି ଘୋଡାଇ ଦିଆଯାଇଥିଲା ସିନା ତ୍ରୁଟିକୁ ସୁଧାରିବାରେ କୌଣସି ପଦକ୍ଷେପ ନିଆଗଲାନାହିଁ। ଏବେ ଶେଷରେ ବିଭାଗର ଶୁଭ ଦୃଷ୍ଟି ପଡିବା ପରେ ଫଳକକୁ ଓହ୍ଲାଇ ରାସ୍ତା କଡ଼ରେ ରଖାଯାଇଛି। ଦେଖିବାକୁ ବାକି ରହିଲା ଏହି ତ୍ରୁଟିପୂର୍ଣ୍ଣ ଫଳକକୁ ଠିକ୍ କରି ପୁଣି ଏଠାରେ ଲଗାଯାଉଛି କି ଏକ ବଡ ଧରଣର ଦୁର୍ଘଟଣା ପର୍ଯ୍ୟନ୍ତ ରାସ୍ତାକଡ଼ରେ ପଡି ରହୁଛି।

## ସତ୍ୟ ଓ ଅହିଂସା ସବୁ ସମସ୍ୟା ସମାଧାନର ଚାବିକାଠି

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ସକାଳ ୮ ଘଟିକା ୩୦ ମିନିଟ୍ ସମୟରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଗାନ୍ଧୀ ଛକ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରେ ଜିଲ୍ଲା ସ୍କୁଲ, ଯାଜପୁର ପରିସରରେ ଥିବା ମହାତ୍ମା ଗାନ୍ଧୀ, ଲାଲ ବାହାଦୁର ଶାସ୍ତ୍ରୀ ଏବଂ ସଂସ୍କୃତି ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉତ୍ସବ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ଗୁଚ୍ଛ ଅର୍ପଣ କରିଥିଲେ । ପରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର ଗୀତା ପାଠ, ଜୟୀରୁଦ୍ଦୀନ ଖାଁ କୋରାନ୍ ପାଠ ଓ ଶଶି ମିଂଜ ବାଇବେଲ୍ ପାଠ କରିଥିଲେ । ଏହି ଜୟନ୍ତୀ ଉତ୍ସବରେ ବିଶିଷ୍ଟ ଗାନ୍ଧୀବାଦୀ ଗବେଷକ ମିହିର ପ୍ରତାପ ଦାସ ଗାନ୍ଧୀଙ୍କର ୧୫୫ ତମ ଓ ଶାସ୍ତ୍ରୀଙ୍କର ୧୨୧ ତମ ଜନ୍ମ ଜୟନ୍ତୀ ଅବସରରେ ଗାନ୍ଧୀଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଂସାର ପ୍ରତୀକ ଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଯୋଗଦାନ ଭାରତୀୟ ମୁକ୍ତିସଂଗ୍ରାମକୁ ଏକ ନୂତନ ମୋଡ଼ ଦେଇ ତାଙ୍କୁ ବିଶ୍ୱବାସୀଙ୍କ ନିକଟରେ ମହାମାନବର ମାନ୍ୟତା ଦେଇଥିଲେ । ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀ ଜଣେ ନିଆରା ଜନନାୟକ ଭାବେ ସାରା ବିଶ୍ୱରେ ସୁପରିଚିତ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗାନ୍ଧୀ ଦର୍ଶନ ଆଜି ସାରା ପୃଥିବୀରେ ଆଦୃତ ହୋଇଛି । ତାଙ୍କ ମତରେ ସବୁ ସମସ୍ୟାର ସମାଧାନର ଚାବିକାଠି ସତ୍ୟ ଓ ଅହିଂସା ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରାତଃ କାଳରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସହରରେ ରାମଧୂନ୍ ପରିବେଷଣ କରାଯାଇଥିଲା । ଜିଲ୍ଲା ସ୍କୁଲ୍‌ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବାପୁଜୀଙ୍କ ବାଣୀ ସମ୍ବଳିତ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ସ୍କୁଲ୍ ପରିସରରୁ ବାହାରି ଗାନ୍ଧୀ ଛକ ଦେଇ ସଂସ୍କୃତି ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ତହସିଲଦାର ତଥା ନିର୍ବାହୀ ଅଧିକାରୀ ପୌର ପରିଷଦ ଯାଜପୁର ଅରବିନ୍ଦ ବେହେରା ଯୋଗଦେଇଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଥାନାରେ ବାପାଙ୍କ ଅଭିଯୋଗ

## ମୋ ଝିଅକୁ ବ୍ଲାକ୍‌ମେଲିଂ କରି ଆତ୍ମହତ୍ୟା କରିବାକୁ ବାଧ କରାଯାଇଛି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଭୁଲ୍ ହେଇଗଲା ମମି.. ମୁଁ ସବୁ କିଛି ହରାଇ ସାରିଛି । ସେ ପିଲା ସହ ମିଳାମିଶା ନକରିବାକୁ ବାରମ୍ବାର ମନା କଲା ପରେ ବି ମୁଁ କଥା ହେଲି ଆଉ ମିଳାମିଶା ବି କଲି । ସେ ମୋତେ ଭିଡିଓ କଲ୍ କରିବା ପାଇଁ କହିଲା, ମୁଁ ତାକୁ ବିଶ୍ୱାସ କରି ଭିଡିଓ କଲ୍ କଲି । ସେ ମୋର ସମସ୍ତ ଖରାପ ଭିଡିଓ ମୋବାଇଲ୍‌ରେ ରେକର୍ଡିଂ କରିଦେଲା । ତାପରଠୁ ମୋତେ ବ୍ଲାକ୍‌ମେଲିଂ କରିବା ଆରମ୍ଭ କରିଦେଲା । ମାସକୁ ମାସ ୧୫୦୦ ଟଙ୍କା ଦେବାକୁ ବାଧ କରୁଥିଲା । ଟଙ୍କା ନ ଦେଲେ ମୋର ନ୍ୟୁଡ ଭିଡିଓକୁ ଭାଇରାଲ୍ କରିଦେବ ବୋଲି ଧମକ ଦେଉଥିଲା । ମୁଁ ଚାହୁଁନି, ମମି କି ବାପା କାହାର କ୍ଷତି ହେଉ ସରି... । ଏମିତି ଏକ ଚିଠି ଲେଖି ଆତ୍ମହତ୍ୟା କରିଛନ୍ତି ଧାମନଗର ଥାନା ଅଧୀନ ପଧାନି ଅଞ୍ଚଳର ଜଣେ କଲେଜ ପଢୁଆ ଝିଅ । ଗୁରୁବାର ସନ୍ଧ୍ୟାରେ ନିଜ ଘରେ ରଶି ଲଗାଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବାବେଳେ ପୋଲିସ ଶୁକ୍ରବାର ତଦନ୍ତ କରିଛି । ବାପାଙ୍କ ଅଭିଯୋଗ ଆଧାରରେ ଧାମନଗର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛି । ଏହାସହ ଛାତ୍ରୀ ଜଣକ ବ୍ୟବହାର କରୁଥିବା ମୋବାଇଲ୍‌କୁ ଜବତ କରି ଫୋରେନ୍‌ସିକ୍ ଲାବରୋଟାରୀକୁ ପଠାଇବାକୁ ବ୍ୟବସ୍ଥା କରୁଛି । ପଧାନି ଅଞ୍ଚଳର ଯୁବତୀ ଶୁଭଲକ୍ଷ୍ମୀ ପୁହାଣ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କନିକାପଡ଼ାରେ ଥିବା ଏକ ସରକାରୀ କଲେଜରେ ଯୁକ୍ତ ତିନିରେ ପଢୁଥିଲେ । କଲେଜ ଯାଆସ ଭିତରେ କଲେଜ ନିକଟ ଦଉପୁର ଗାଁର ଯୁବକ ସିଦ୍ଧାନ୍ତ ଦାସଙ୍କ ସହ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ଦୁହେଁ ପରସ୍ପରକୁ ପ୍ରେମ କରୁଥିଲେ । ଫୋନ୍‌ରେ କଥାବାର୍ତ୍ତା ମଧ୍ୟ ହେଉଥିଲେ ସଂପର୍କ ନିବିଡ଼ ହେବାରୁ ଦୁହେଁ ଭିଡିଓ କଲ୍ ମଧ୍ୟ କରୁଥିଲେ । କିଛି ମାସ ତଳେ ଦୁହିଁଙ୍କ ମଧ୍ୟରେ ଭିଡିଓ କଲ୍ ହେବା ଭିତରେ ସିଦ୍ଧାନ୍ତ ଯାଙ୍କୁ ନିଜର ନ୍ୟୁଡ ଫଟୋ ପଠାଇବାକୁ କହିଥିଲା । ହେଲେ ଯୁବତୀ ଜଣକ ଅରାଜି ହେବାରୁ ପ୍ରେମିକ ରାଣ ନିୟମ ପକାଇଥିଲା । ଆଉ ଯୁବତୀ ଭିଡିଓ କଲ୍ କରିଥିଲେ । ନ୍ୟୁଡ ଭିଡିଓ କଲ୍‌କୁ ସିଦ୍ଧାନ୍ତ ନିଜ ମୋବାଇଲ୍‌ରେ ଥାର୍ଡ ପାର୍ଟି ସଫ୍ଟୱେର ମାଧ୍ୟମରେ ରେକର୍ଡିଂ କରି ନେଇଥିଲା । ଆଉ ସେହି ଭିଡିଓର ସ୍କ୍ରିନ୍‌ସଟ୍ ଦେଖାଇ ବ୍ଲାକ୍‌ମେଲିଂ କରୁଥିଲା । ପ୍ରତି ମାସ ୧୫୦୦ ଟଙ୍କା ଦେବାକୁ ବାଧ କରୁଥିଲା ନହେଲେ ସେହି ଅଶ୍ଳୀଳ ଭିଡିଓ ଓ ଫଟୋ ସୋସିଆଲ୍ ମିଡିଆରେ ଛାଡ଼ି ଦେବାକୁ ଧମକ ଦେଉଥିଲା ବୋଲି ଯୁବତୀ ନିଜ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି । ହେଲେ ସିଦ୍ଧାନ୍ତର ଏ ବ୍ଲାକ୍‌ମେଲିଂକୁ ସହିବା ସ୍ଥିତି ନଥିଲା । ବାପା ମାଆଙ୍କୁ ହଇରାଣ କରିବା ଅପେକ୍ଷା ଆତ୍ମହତ୍ୟା କରିନେବାକୁ ବାଛି ନେଲା ବୋଲି ସୁଇସାଇଡ୍ ନୋଟ୍‌କୁ ଆଧାର କରି ସଂପର୍କୀୟ ମାମୁ କହିଛନ୍ତି । ଘଟଣାର ତଦନ୍ତ କରି ଦୋଷୀ ସୀଦ୍ଧାନ୍ତ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଯୁବତୀଙ୍କ ବାପା । ଝିଅକୁ ସେ ବ୍ଲାକ୍‌ମେଲିଂ କରି ହତ୍ୟା କରିଛି, ଏଣୁ ତାକୁ ଫାଶୀ ଦେବାକୁ ସେ ଦାବି କରିଛନ୍ତି । ସେପଟେ ଘଟଣାର ତଦନ୍ତ କରାଯାଉଛି । ତଦନ୍ତ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧାମନଗର ଥାନା ଅଧିକାରୀ ଫନିନ୍ଦ୍ର ନାଇକ କହିଛନ୍ତି ।



## ସେବା ନିବୃତ୍ତ ସେନାନୀ ସଂଘର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ଜଗତସିଂହପୁର ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସୋମନାଥ ମହାରଣାଙ୍କ ନେତୃତ୍ୱରେ ଜଗତସିଂହପୁର ହାଟ ବଜାର ନିକଟସ୍ଥ ସୋମନାଥ ମନ୍ଦିର ପରିସର ଓ ହାଟର ଚତୁଃର୍ପାଶ୍ୱର ସଫେଇ କରାଇଥିଲେ। ସ୍ୱଚ୍ଛତା ଅଭିଯାନ କରି ଆଖ ପାଖ ଅଞ୍ଚଳରେ ଥିବା ଅଳିଆ ଆବର୍ଜନାକୁ ସଫା କରାଯିବା ସହିତ ପୌର ପାଳିକାରେ ବସବାସ କରୁଥିବା ଲୋକମାନଙ୍କୁ ତଥା ବ୍ୟବସାୟୀ ମାନଙ୍କୁ ନିଜ ନିଜର ଆଖ ପାଖ ଜାଗା ସଫାସୁତୁରା ରଖିବା ପାଇଁ ସଂଘ ପକ୍ଷରୁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜଗତସିଂହପୁର ସହିତ ପ୍ରତ୍ୟେକ ବ୍ଲକରେ ସଂଘର କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ସମ୍ପନ୍ନ କରାଯାଇଥିଲା । ଜିଲ୍ଲାର ଶତାଧିକ ଅବସରପ୍ରାପ୍ତ ସୈନିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଭୂମିହୀନଙ୍କୁ ମିଳିବ ଜାଗା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହନିର୍ମାଣ ପାଇଁ ଭୂମିହୀନଙ୍କୁ ଜାଗା ଯୋଗାଇ ଦିଆଯିବ । ଏହି ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ମଧ୍ୟରେ ଏକ ଆନ୍ତଃ ବିଭାଗୀୟ ସମନ୍ୱୟ କମିଟି ବୈଠକ ହୋଇଛି । ଭୂମିହୀନ ହିତାଧିକାରୀଙ୍କୁ ଏହି ଯୋଜନାରେ ଜାଗା ଯୋଗାଇ ଦେବା ପାଇଁ ବିଡିଓମାନେ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ତହସିଲଦାରଙ୍କୁ ପ୍ରଦାନ କରିବେ । ତହସିଲଦାରମାନେ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ ମାଧ୍ୟମରେ ଜାଗା ଚିହ୍ନଟ କରି ଜାଗା ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବେ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ମାସର ପ୍ରଥମ ଶନିବାର ସମ୍ପୃକ୍ତ ବିଡ଼ିଓ ଓ ତହସିଲଦାରଙ୍କ ମାଧ୍ୟମରେ ସମନ୍ୱୟ କମିଟିର ବୈଠକ ଆଗତ ହେବ । ବୈଠକର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯିବ । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବ । ଫଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ହିତାଧିକାରୀ ଜାଗା ଅଭାବରୁ ଘର ନିର୍ମାଣରୁ ବଞ୍ଚିତ ହେବେନାହିଁ । ଜିଲ୍ଲାପାଳମାନେ ଏହି ଯୋଜନାର ଅଗ୍ରଗତି ସମ୍ପର୍କରେ ପ୍ରତି ମାସରେ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ ।



## ବରିଷ୍ଠ ନାଗରିକମାନଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ବିଭିନ୍ନ ସମସ୍ୟା ସଂପର୍କରେ ଆଲେଚନା କରିଛନ୍ତି । ବରିଷ୍ଠ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ସଂପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରହଲ୍ଲାଦ ମଲ୍ଲ, ରବିନ୍ଦ୍ର ନାଥ ମଲିକ, ସୟଦ ଅକମଲ ଅଲ୍ଲୀ ପ୍ରମୁଖ କେନ୍ଦ୍ରାପଡା ପୌରାଞ୍ଚଳ ଅଞ୍ଚଳରେ ବରିଷ୍ଠ ନାଗରିକଙ୍କ ପଇଁ ଏକ ସରକାରୀ ଜମି ଦେବା ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ଆଲୋଚନା ଜକରିବା ସହିତ ଜିଲ୍ଲାର ବିଭିନ୍ନ ଜାଗାରେ ବରିଷ୍ଠ ନାଗରିକ ମାନଙ୍କ ବିରୋଧରେ ପାରିବାରିକ ମିଥ୍ୟା ମକଦ୍ଦମା ହେଉଥିବାରୁ ଏହାକୁ ବନ୍ଦ କରିବା ପାଇଁ ମଞ୍ଚ ତରଫରୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ସହ ଆଲୋଚନା କରାଯାଇଥିବା ଜଣାପଡିଛି । ଏଥିସହିତ ଆହୁରି ଅନେକ ସମସ୍ୟା ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ଅବଗତ କରାଯାଇଥିଲା । ଏହି ଆଲୋଚନା ସମୟରେ ନରୋତମ ଜେନା, ଫକୀର ଖଟୁଆ, ଉପେନ୍ଦ୍ର କୁମାର ପ୍ରଧାନ, ବୈଷ୍ଣବ ଚରଣ ସ୍ୱାଇଁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## ରେଳ ଧାରଣାରୁ ହାତ ଗୋଡ଼ ବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ, ନ୍ୟୁଜ୍ ବ୍ୟୁରୋ**

ରେଳ ଧାରଣାରୁ ହାତ ଗୋଡ଼ ବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । କଟକ ନିକଟ ନିର୍ଗୁଣ୍ଡି ରେଲୱେ ଷ୍ଟେସନ୍ ରେଳ ଧାରଣାରୁ ମୃତଦେହ ଉଦ୍ଧାର ହୋଇଛି । ଟ୍ରେନ୍‌ରେ କଟି ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିବା ବେଳେ ରେଳ ଧାରଣା ଉପରେ ପଡିଛି ମୃତଦେହ । ଯୁବକ ଜଣକ ନିର୍ଗୁଣ୍ଡୀ ବେହେରା ସାହିର କେ.ତିରୁପତି ରେଡି ବୋଲି ଜଣାପଡିଛି । ସେ ପୋଦାର ମଟରରେ ମିସ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ । ତେବେ କେ.ତିରୁପତି ଜୀବନ ହାରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି କାରଣ ଅସ୍ପଷ୍ଟ ରହିଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ଘଟଣା ସ୍ଥଳରେ ଟାଙ୍ଗୀ ଏବଂ ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

### ଜିଲ୍ଲା କୃଷି ଓ କୃଷକ ଏବଂ ସାଧାରଣ ବଣ୍ଟନ ବିଭାଗର ସମୀକ୍ଷା କଲେ ମନ୍ତ୍ରୀ

# ମଣ୍ଡିରେ ଚାଷୀ ଓ ଧାନର ସୁରକ୍ଷା ନେଇ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସରକାରଙ୍କ ତରଫରୁ ରାଜ୍ୟରେ କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ବହୁବିଧ ପଦକ୍ଷେପ ନିଆଯାଉଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ଆନ୍ତରିକତାର ସହ ବିଭାଗୀୟ ସମନ୍ୱୟ ପୂର୍ବକ କାର୍ଯ୍ୟ କରିବାକୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ଜିଲ୍ଲାଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ବିଭାଗୀୟ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି । ସେ ବୈଠକରେ କୃଷକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ତରିକତାର ସହ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି କି ଧାନ କିଣା ବିକାରେ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶୟ ଦିଆଯିବନାହିଁ, ସେଥିପାଇଁ ପ୍ରତ୍ୟେକ ଧାନ ମଣ୍ଡିରେ ସିସିଟିଭି କ୍ୟାମେରା ଓ କ୍ୱାଲିଟି ଏନ୍‌ଲାଇଜର ମେସିନ୍ ଲଗାଯିବା ପାଇଁ ପଦକ୍ଷେପ ନିଆଯିବାକୁ ଗୁରୁତ୍ୱାରୋପ କରିଛନ୍ତି ଯଦ୍ୱାରା ଧାନ କିଣାରେ କଟଣୀ ଛଟଣୀକୁ ବନ୍ଦ କରାଯାଇପାରିବ ଏବଂ ଚାଷୀ ଉପଯୁକ୍ତ ମୂଲ୍ୟ ପାଇପାରିବ । ପୁନଶ୍ଚ କୌଣସି ମିଲର କିମ୍ବା ଦଲାଲ୍ ଯେପରି ଚାଷୀର ଘରକୁ ଯାଇ ଧାନ କିଣାବିକା କରିନପାରିବ ସେଥିପାଇଁ ବିଶେଷ ସଜାଗ ହେବାକୁ ପରାମର୍ଶ ଦେଇଛନ୍ତି । ଚାଷୀ ଓ ଧାନର ସୁରକ୍ଷା ନିମନ୍ତେ ମଣ୍ଡି ଗୁଡିକରେ ପର୍ଯ୍ୟାପ୍ତ ସୁବ୍ୟବସ୍ଥା ନିମନ୍ତେ ଆବଶ୍ୟକ ପଦକ୍ଷେପ ସହ ଚାଷୀଙ୍କ ଖାତାରେ ଧାର୍ଯ୍ୟ ସମୟ ମଧ୍ୟରେ ଧାନବିକ୍ରି ଅର୍ଥ ରାଶି ଯେପରି ପ୍ରାପ୍ତ ହେବ, ଧାନ ଚୋରା ଚାଲାଣକୁ ରୋକିବା ନିମନ୍ତେ ବ୍ୟବହୃତ ଗାଡ଼ିଗୁଡିକରେ ଜିପିଏସ ଲଗାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପୁନଶ୍ଚ ଖାଉଟି ସୁରକ୍ଷା ଯୋଜନାରେ ଜିଲ୍ଲାର ସମସ୍ତ ଯୋଗ୍ୟ ଓ ଉପଯୁକ୍ତ ହିତାଧିକାରୀଙ୍କ ଚୟନ ନିମନ୍ତେ ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ନିଶ୍ଚିତ କରିବା ନିମନ୍ତେ ଅଧିକାରୀମାନେ ଘରକୁ ଘର ଯାଇ ଖାଉଟିଙ୍କ ଇ-କେୱାଇସି କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ଅବସରରେ ସାଂସଦ ବଲାଙ୍ଗୀର ସଂଗୀତା କୁମାରୀ ସିଂଦେଓ, ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲ ବୈଠକରେ ଉପସ୍ଥିତ ରହି ଜିଲ୍ଲାର ଧାନ କିଣା ବିକାକୁ ସ୍ୱଚ୍ଛତାର ସହ ବିଧିବ୍ୟବସ୍ଥା ମଧ୍ୟରେ ସମ୍ପାଦନ କରିବାକୁ ଜିଲ୍ଲପ୍ରଶାସନ ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଦୁର୍ନୀତିରେ ଲିପ୍ତ କୌଣସି ଅଧିକାରୀ କିମ୍ବା କାର୍ଯ୍ୟକୁ ବରଦାସ୍ତ କରାଯିବନାହିଁ ବୋଲି କହିବା ସହ ସମସ୍ତ ଅଧିକାରୀ ତଥା ନିୟୋଜିତ କର୍ମଚାରୀ ଲୋକାଭିମୁଖୀ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲପାଳ ଅନ୍ୟା ଦାସ ମନ୍ତ୍ରୀ ତଥା ସାଂସଦ ବଲାଙ୍ଗୀର, ବିଧାୟକ ବୀରମହାରାଜପୁରଙ୍କୁ ବୈଠକରେ ସ୍ୱାଗତ କରିବା ସହ ଜିଲ୍ଲାରେ ଧାନକିଣାବିକାକୁ ସ୍ୱଚ୍ଛ ତଥା ସୁସମନ୍ୱୟ ପୂର୍ବକ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ତଥା ଭିତ୍ତି ଭୂମି ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ସମୀକ୍ଷା ବୈଠକରେ ବିଭାଗୀୟ କାର୍ଯ୍ୟାବଳୀ, କାର୍ଯ୍ୟକାରିତା ତଥା ଅନ୍ୟାନ୍ୟ ଅନୁସଙ୍ଗିକ ତଥ୍ୟ ପାଓ୍ୱାର ପ୍ରେଜେଣ୍ଟେସନ ଜରିଆରେ ଉପସ୍ଥାପନ କରିଥିଲେ। ସିଏମ୍‌ଆର ଡ଼େଲିଭରି ସ୍ଥିତିରେ ଯେତିକି ହେବା କଥା ସେତିକି ହେଉନଥିବା ସୂଚିତ କରିଥିଲେ। ଜିଲ୍ଲାରେ ଧାନ କିଣାବିକାରେ ନିୟୋଜିତ ଥିବା ପେକ୍ସ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମ୍ପୃକ୍ତି ଉପରେ ସୂଚିତ କରିଥିଲେ। ଜିଲ୍ଲାରେ ରହିଥିବା ଷ୍ଟକ୍ ଡିପୋ ସହ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ତଥ୍ୟ ଦେଇ ବ୍ଲକ୍ ଓ ସହରାଞ୍ଚଳରେ ରାସନ କାର୍ଡ ପାଇଥିବା ହିତାଧିକାରୀଙ୍କ ତଥ୍ୟ ପ୍ରଦାନ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଡିଆରସିଏସ ଉପଜିଲ୍ଲାପାଳ ସୌମ୍ୟାରୁପା ରଥ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ସାଂସଦ ପ୍ରତିନିଧି ଶରତ ଶତପଥି, ସହକାରୀ ନିବନ୍ଧକ, ସୋନପୁର ଓ ବୀରମହାରାଜପୁର, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସମେତ ଜିଲ୍ଲା ତଥା ବ୍ଲକ ସ୍ତରୀୟ ସମ୍ପୃକ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଠିକା କାମକୁ ନେଇ ତୁମୁଳକାଣ୍ଡ:ବନ୍ଧୁକ ଦେଖାଇ ହତ୍ୟା ଧମକ

**ଉଲୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଜାଲୋଏ ପଞ୍ଚାୟତ ଅନ୍ତର୍ଗତ ଘିକୁଣ୍ଡି ଗାଁରେ ଶୁକ୍ରବାର ସନ୍ଧ୍ୟାରେ ତୁମୁଳ କାଣ୍ଡ ଘଟିଛି । ଗାଁରେ ଥିବା ମା' ମାହେଶ୍ୱରୀ ଗୋ-ସେବାଶ୍ରମକୁ ୩ ଜଣ ଦୁର୍ବୃତ୍ତ ପଶି ଜଳାପୋଡ଼ା କରିଛନ୍ତି । ଏହାସହିତ ସେବାଶ୍ରମର କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ଗୋ-ସେବକ ମଧୁସୂଦନ ମହାକୁର ଅଭିଯୋଗ କରିଛନ୍ତି । ଏକ ଠିକା କାମକୁ କେନ୍ଦ୍ର କରି ସେମାନେ ଏପରି କରିଥିବା ଶ୍ରୀ ମହାକୁର ପ୍ରକାଶ କରିଛନ୍ତି । ଅଭିଯୋଗ ଅନୁସାରେ, ବୀରମହାରାଜପୁର ଥାନା ଘିକୁଣ୍ଡି ଗାଁରେ ନିକଟସ୍ଥ ଗୁଞ୍ଜିପାଲି ଗାଁର ମଧୁସୂଦନ ମହାକୁରଙ୍କ ତତ୍ତ୍ୱାବଧାନରେ ମା' ମାହେଶ୍ୱରୀ ଗୋ-ସେବାଶ୍ରମ ରହିଛି । ଶୁକ୍ରବାର ସନ୍ଧ୍ୟାରେ ଗୁଞ୍ଜିପାଲି ଓ ଘିକୁଣ୍ଡି ଗାଁର ୩ ଜଣ ବ୍ୟକ୍ତି ଉକ୍ତ ଗୋ-ସେବାଶ୍ରମକୁ ଯାଇ ଆତଙ୍କ ଖେଳାଇଥିଲେ । ସେମାନେ ମଧୁସୂଦନଙ୍କୁ ବନ୍ଧୁକ ଦେଖାଇ ଗୋରୁଗୁଡ଼ିକୁ ଗୋ-ବେପାରୀଙ୍କୁ ବିକ୍ରି କରିବାକୁ ଧମକ ଦେବା ସହ ତାଙ୍କୁ ମଧ୍ୟ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ । ଫଳରେ ମଧୁସୂଦନ ପ୍ରାଣ ବିକଳରେ ସେଠାରୁ ପଳାଇ ଯାଇଥିଲେ । ପରେ ଦୁର୍ବୃତ୍ତମାନେ ସେଠାରେ ଥିବା ସମସ୍ତ ଗୋରୁଙ୍କୁ ଜଙ୍ଗଲକୁ ତଡ଼ି ଦେଇଥିଲେ । ଏହା ସହିତ ଗୋରୁମାନଙ୍କ ପାଇଁ ଗଚ୍ଛିତ ଥିବା ଖାଦ୍ୟ ପାଳଗଦା ଓ ଦାନାରେ ନିଆଁ ଲଗାଇ ଦେଇଥିଲେ । ଖବର ପାଇ ବୀରମହାରାଜପୁର ଓ ଉଲୁଣ୍ଡାରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବୀରମହାରାଜପୁର ଥାନା ଆଇଆଇସି ଶୋଭାକର ସେଠ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ । ଜଣେ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଫେରାର୍ ହୋଇଯାଇଥିଲେ । ଅନ୍ୟପକ୍ଷରେ ବଜରଙ୍ଗଦଳ କର୍ମୀ, ଗୋ-ସେବାଶ୍ରମ କର୍ମଚାରୀ, ଗ୍ରାମବାସୀ ଓ ଗୋସେବକ ଶନିବାର ସୁଦ୍ଧା ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ ନକଲେ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି । ମଧୁସୂଦନଙ୍କ କହିବା ଅନୁସାରେ, ତାଙ୍କୁ ବୀରମହାରାଜପୁର ବିଧାୟକ ଏକ କାମ କରିବା ପାଇଁ ସୁପାରିସ୍ କରିଥିଲେ । ଏଥିପାଇଁ ସେ ଉଲୁଣ୍ଡା ବ୍ଲକ୍‌ର ସହକାରୀଯନ୍ତ୍ରୀଙ୍କୁ ଭେଟି କାମ ସମ୍ପର୍କରେ ଅବଗତ କରିଥିଲେ । ବିପକ୍ଷ ଗୋଷ୍ଠୀ ଏହା ଜାଣିପାରି ଏପରି କାଣ୍ଡ ଭିଆଇଥିବା ମଧୁସୂଦନ କହିଛନ୍ତି ।

# ଶାମିଙ୍କୁ ନେଇ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ିଲା



**ନୂଆଦିଲ୍ଲୀ**

ଦଳକୁ କେବେ ଫେରିବେ ମହମ୍ମଦ ଶାମି, ଏହା ଉପରେ କ୍ରିକେଟ ପ୍ରଶଂସକଙ୍କ ନଜର କାରଣ ଆସନ୍ତା ମାସ ଭାରତୀୟ ଟିମ୍ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ସର୍ବପ୍ରଥମେ ଦଳ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ଖେଳିବ । ଏହାପରେ ୫ ଟେଷ୍ଟ ମ୍ୟାଚ୍ ଲାଗି ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ୭ ମୁକାବିଲାରୁ ଦଳର ଡବ୍ଲୁଟିସି ଫାଇନାଲ ଟିକେଟ ପକ୍କା ହୋଇପାରେ। ଏସବୁ ମଧ୍ୟରେ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ାଇବା ଭଳି ଖବର ସାମ୍ନାକୁ ଆସିଛି। ଏକ ରିପୋର୍ଟ ମୁତାବକ ଶାମିଙ୍କୁ ରଣଜୀ ଟ୍ରଫି ପୂର୍ବରୁ ୨ ମ୍ୟାଚ ଲାଗି ପଶ୍ଚିମବଙ୍ଗ ଟିମ୍‌ରେ ଚୟନ କରାଯାଇଛି। ଅର୍ଥାତ ସେ ଯଦି ଏହାକୁ ଖେଳିବେ ତେବେ ଦଳକୁ ଫେରିବାକୁ ସମୟ ଲାଗିପାରେ।

ଶେଷ ଥର ଲାଗି ଶାମି ୨୦୨୩ ବିଶ୍ୱକପ୍ ଫାଇନାଲ ଖେଳିଥିଲେ। ଏହା ପରେ ପ୍ରାୟ ୧୧ ମାସ ଧରି ସେ କ୍ରିକେଟରୁ ଦୂରରେ ରହିଛନ୍ତି । ସେ ଫେବୃୟାରୀରେ ନିଜର ଅସ୍ତ୍ରୋପଚାର କରାଇଥିଲେ। ରଣଜୀ ଟ୍ରଫିରେ ସେ ଫେରିପାରନ୍ତି ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଟିମ୍ ନଭେମ୍ବର ୨୨ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ।

# ୨୭ ବର୍ଷ ପରେ ଇରାନୀ କପ୍ ଜିତିଲା ମୁମ୍ବାଇ



**ନୂଆଦିଲ୍ଲୀ**

ପ୍ରଥମ ଇନିଂସରେ ମୁମ୍ବାଇ ସର୍ଫରାଜ ଖାନଙ୍କ ଦମଦାର ଅପରାଜିତ ୨୨୨ ରନ ବଳରେ ବିଶାଳ ୫୩୭ ରନ କରିଥିଲା। ଏହାର ଜବାବରେ ରେଷ୍ଟ ଅଫ ଇଣ୍ଡିଆର ଅଭିମନ୍ୟୁ ଈଶ୍ୱରନ ୧୯୧ ରନ କରିଥିଲେ । ଧ୍ରୁବ ଜୁରେଲ ମଧ୍ୟ ୯୩ ରନର ଇନିଂସ ଖେଳିଥିଲେ।

ରଣଜୀ ଟ୍ରଫି ବିଜେତା ମୁମ୍ବାଇ ଇରାନୀ କପରେ କମାଲ କରିଛି ଦଳ। ରେଷ୍ଟ ଅଫ ଇଣ୍ଡିଆକୁ ହରାଇ ୨୭ ବର୍ଷ ପରେ ଇରାନୀ କପ ଟେକି ଧରିବାକୁ ସକ୍ଷମ ହୋଇଛି ଅଜିଙ୍କ୍ୟ ରାହାଣେଙ୍କ କ୍ୟାପ୍ଟେନ୍ସିରେ ଖେଳୁଥିବା ମୁମ୍ବାଇ ପ୍ରଥମ ଇନିଂସର ଅଗ୍ରଣୀ ଆଧାରରେ ବିଜେତା ହୋଇପାରିଛି।

ପ୍ରଥମ ଇନିଂସରେ ମୁମ୍ବାଇ ସର୍ଫରାଜ ଖାନଙ୍କ ଦମଦାର ଅପରାଜିତ ୨୨୨ ରନ ବଳରେ ବିଶାଳ ୫୩୭ ରନ କରିଥିଲା। ଏହାର ଜବାବରେ ରେଷ୍ଟ ଅଫ ଇଣ୍ଡିଆର ଅଭିମନ୍ୟୁ ଈଶ୍ୱରନ ୧୯୧ ରନ କରିଥିଲେ। ଧ୍ରୁବ ଜୁରେଲ ମଧ୍ୟ ୯୩ ରନର ଇନିଂସ ଖେଳିଥିଲେ।

କିନ୍ତୁ ପୂରା ଟିମ ଶାମସି ମୁଲାନୀ ଓ ତନୁଶ କୋଟିୟାନଙ୍କ ସ୍ପିନ ଜାଲରେ ଫସି ଯାଇଥିଲା । ଉଭୟ ୩ଟି ଲେଖାଏଁ ୱିକେଟ ନେବାରୁ ରେଷ୍ଟ ଅଫ ଇଣ୍ଡିଆ ୪୧୬ ରନରେ ଅଟକି ଯାଇଥିଲା।

ଫଳରେ ମୁମ୍ବାଇକୁ ୧୨୧ ରନର ଗୁରୁତ୍ୱପୂର୍ଣ୍ଣ ଲିଡ ମିଳିଥିଲା। ଦ୍ୱିତୀୟ ଇନିଂସର ପୃଥ୍ୱୀ ଶଙ୍କ ୭୬ ଓ ତନୁଶ କୋଟିୟାନଙ୍କ ଅପରାଜିତ ୧୧୪ ରନ ବଳରେ ମୁମ୍ବାଇ ଶେଷ ଦିନର ଲଞ୍ଚ ପାନ ବିରତି ଯାଏ ବ୍ୟାଟିଂ କରିଥିଲା।

ଦଳର ସ୍କୋର ୩୨୯/୮ ଥିବା ବେଳେ ରାହାଣେ ପାଳି ଘୋଷଣା କରିଥିଲେ। ତେବେ ମ୍ୟାଚ୍ ଡ୍ର ଆଡ଼କୁ ଯାଉଥିବାରୁ ଉଭୟ ଟିମର ସହମତି ଆଧାରରେ ଏହାକୁ ସେଇଠାରେ ବନ୍ଦ କରାଯାଇଥିଲା। ପ୍ରଥମ ଇନିଂସ ଲିଡ ଆଧାରରେ ମୁମ୍ବାଇ ଇରାନୀ ଟ୍ରଫି ଚମ୍ପିୟନ ହୋଇଥିଲା।

ମୁମ୍ବାଇ ଏଥରକୁ ମିଶାଇ ୧୫ଥର ପାଇଁ ଇରାନୀ କପ ଜିତିଛି। କିନ୍ତୁ ଏଥର ଦଳକୁ ଟ୍ରଫି ପାଇଁ ୨୭ ବର୍ଷ ଅପେକ୍ଷା କରିବାକୁ ପଡ଼ିଛି। ଦଳ ଶେଷଥର ପାଇଁ ୧୯୯୭/୯୮ରେ ଇରାନୀ କପ ଜିତିଥିଲା। ଏହା ପରଠାରୁ ଇରାନୀ କପ ଜିତିବାକୁ ଦଳ ସୌଭାଗ୍ୟ ପାଇ ନଥିଲା।

ଚଳିତ ବର୍ଷ ରଣଜୀ ଟ୍ରଫି ଜିତିବା ପରେ ମୁମ୍ବାଇ ଇରାନୀ କପ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ମୁମ୍ବାଇ ସାମ୍ନାରେ ଭାରତର ବଛା ବଛା ଖେଳାଳି ରହିଥିଲେ । କିନ୍ତୁ ରାହାଣେଙ୍କ ମୁମ୍ବାଇ ଚମତ୍କାର ପ୍ରଦର୍ଶନ କରି ଋତୁରାଜ ଗାଏକ୍ୱାଡଙ୍କ ରେଷ୍ଟ ଅଫ ଇଣ୍ଡିଆକୁ ହରାଇ ଇରାନୀ କପ ହାତେଇଛି।

# ସ୍ଲେଜିଂ ମାଷ୍ଟର : ଗୁମର ଖୋଲିଲେ ଅଷ୍ଟ୍ରେଲୀୟ ଟିମ୍



**ନୂଆଦିଲ୍ଲୀ**

ବିଗତ କିଛି ବର୍ଷ ମଧ୍ୟରେ ଭାରତ-ଅଷ୍ଟ୍ରେଲିଆ କ୍ରିକେଟରେ ପ୍ରତିଦ୍ୱନ୍ଦ୍ୱିତା ରୋମାଞ୍ଚକର ଖୋରାକ ଯୋଗାଉଛି । ଖେଳର ତିନୋଟି ଫର୍ମାଟରେ ଉଭୟ ଟିମ୍ ବିଶ୍ୱର ଶ୍ରେଷ୍ଠ କ୍ରିକେଟ ଦଳରେ ଗଣା ହୋଇଥାନ୍ତି। ଯେବେ ବି ଏହି ଦୁଇ ଦଳ ମୁହାଁମୁହିଁ ହୋଇଥାନ୍ତି, ଜବରଦସ୍ତ କ୍ରିକେଟ ସହ ସ୍ଲେଜିଂ ଚର୍ଚ୍ଚାରେ ରହିଥାଏ।

ଅଷ୍ଟ୍ରେଲିଆର କିଛି ଖେଳାଳି ସ୍ଲେଜିଂ କରିବାକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ହେଲେ ଏହି ମାମଲାରେ ଭାରତୀୟ ଖେଳାଳି ବି ପଛରେ ନାହାନ୍ତି । ମଇଦାନରେ ବିରାଟ କୋହଲି ସବୁଠାରୁ ଅଧିକ ଆକ୍ରମଣାତ୍ମକ ନଜର ଆସିଥାନ୍ତି । ମାତ୍ର ଅଷ୍ଟ୍ରେଲିଆ ଖେଳାଳି ଏହା ଭାବନ୍ତି ନାହିଁ।

ଷ୍ଟାର ସ୍ପୋର୍ଟସ୍ ଦ୍ୱାରା ଜାରି ଏକ ଭିଡିଓରେ ଅଷ୍ଟ୍ରେଲିୟ ଖେଳାଳି(ମିଚେଲ ଷ୍ଟାର୍କ, ଜୋଶ ହାଜଲଉଡ୍, ନାଥାନ ଲିଅନ୍, ପ୍ୟାଟ କମିନ୍, ଉସମାନ ଖ୍ୱାଜା, ଟ୍ରାଭିସ ହେଡ୍) ପ୍ରମୁଖ ଏକତ୍ର ଋଷଭ ପନ୍ତଙ୍କ ନାମ ନେଇଥିଲେ। ୨୦୧୮ରେ ଭାରତ-ଅଷ୍ଟ୍ରେଲିଆ ଗସ୍ତ ସମୟରେ ପନ୍ତ ଟିମ୍ ପେନ୍‌ଙ୍କ ସହ ନିଜର ମଜାଳିଆ ବାର୍ତ୍ତାଳାପ ସହ କ୍ରୀଡ଼ା ପ୍ରଶଂସକଙ୍କ ହୃଦୟ ଜିତିଥିଲେ।

ଅପରପକ୍ଷେ ଭିଡିଓରେ ପନ୍ତ କହିଛନ୍ତି ଯେ, ସେ କୌଣସି ଯୋଜନା କରି ସ୍ଲେଜିଂ କରି ନ ଥାନ୍ତି । ଯଦି କେହି ଏଭଳି କରିଥାଏ ତେବେ ଭଲ ଲାଗେନାହିଁ,ଏଣୁ ମୁଁ ବିନମ୍ରତା ସହ ସ୍ଲେଜିଂ କରେ। ଏହାଛଡ଼ା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ତାଙ୍କୁ ଏହି ସ୍ଲେଜିଂ ଯୋଗେ ଜାଣିଥିଲେ ବୋଲି ସେ କହିଥିଲେ। ତେବେ ଆଗାମୀ ଦିନରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ପନ୍ତ ଖେଳୁଥିବା ନଜର ଆସିବେ।

# ବୀରେନ୍ଦ୍ର ସେହୱାଗଙ୍କୁ ଡ୍ରେସିଂ ରୁମରେ ମାଡମାରିବା ବେଳେ ଚୁପ୍ ଥିଲେ ସଚିନ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର୍ ବିରେନ୍ଦ୍ର ସେହ୍ୱାଗ ସବୁ ସମୟରେ ସବୁଠାରୁ ବିପଜ୍ଜନକ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିବେଚିତ ହୋଇଛନ୍ତି । ସବୁବେଳେ ପଡ଼ିଆରେ ରିସ୍କ ନେଇଥିବା ଏହି ବ୍ୟାଟ୍ସମ୍ୟାନ ପ୍ରାୟତଃ କୋଚ ଏବଂ ବରିଷ୍ଠ ଖେଳାଳିଙ୍କ ସହ ସତର୍କତାର ସହ ପଡିଆରେ ଖେଳିବାକୁ ନେଇ ଆଲୋଚନା ହୋଇଥାଏ। ଥରେ ଭାରତୀୟ ଦଳର କୋଚ ତାଙ୍କର ରିସ୍କ ନେବା ଅଭ୍ୟାସରେ ଏତେ ରାଗି ଯାଇଥିଲେ ଯେ ସେ ତାଙ୍କୁ ପିଟିଥିଲେ। ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଡ୍ରେସିଂ ରୁମରେ ଏହା ଦେଖିଥିଲେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିନଥିଲେ।

ଆନ୍ତର୍ଜାତୀୟ କ୍ରିକେଟରେ ପ୍ରବେଶ କରିଥିବା ସମସ୍ତ ବିସ୍ଫୋରକ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିରେନ୍ଦ୍ର ସେହ୍ୱାଗ ସବୁଠାରୁ ଆକ୍ରମଣାତ୍ମକ ବୋଲି ବିବେଚନା କରାଯାଏ। ପ୍ରଥମ ବଲରେ ବୋଲରମାନଙ୍କ ମୁଣ୍ଡ ବିଗାଡଇଥିବା ଏହି ଭାରତୀୟ ଓପନର୍ କେବେବି କାହା କଥା ଶୁଣିଲେ ନାହିଁ । ସେ ଖେଳିବାବେଳେ ତାଙ୍କ ଆଦର୍ଶ ସଚିନ ତେନ୍ଦୁଲକରଙ୍କ ପରାମର୍ଶ ମଧ୍ୟ ପାଳନ କରିନଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଏକ ପୁରୁଣା କଥା କହିବା ବେଳେ କହିଥିଲେ ଯେ ସେହ୍ୱାଗଙ୍କ ରିସ୍କ ନେବା ଏବଂ କାହା କଥା ନ ଶୁଣିବା ଅଭ୍ୟାସ ଦଳର ପୂର୍ବତନ ପ୍ରଶିକ୍ଷକ ଜନ ରାଇଟଙ୍କୁ କ୍ରୋଧିତ କରିଥିଲା।



ମୋର ଏଜବେଷ୍ଟନରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ମନେ ଅଛି । ଆମ ସାମ୍ନାରେ ୨୧୦ ରନ ରଖି ଏକ ଛୋଟ ଲକ୍ଷ୍ୟ ଥିଲା । ବିରେନ୍ଦ୍ର ସେହ୍ୱାଗ ବହୁତ ସଟ ମାରିଥିଲେ ଏବଂ ଆମେ ସେହି ମ୍ୟାଚ ଜିତିଥିଲୁ । ମ୍ୟାଚ ସରିବା ପରେ, ଯେତେବେଳେ ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଡ୍ରେସିଂ ରୁମକୁ ଯାଇଥିଲି, ସେଠାରେ ସମ୍ପୂର୍ଣ୍ଣ ନିରବତା ରହିଥିଲା । ମୁଁ ଅନିଲ କୁମ୍ବଲେଙ୍କ ନିକଟକୁ ଯାଇ କଣ ହେଲା ବୋଲି ପଚାରିଲି। ସେ ମୋତେ ବାହାରକୁ ଆଣି ମୋତେ କହିଥିଲେ, ଜନ ରାଇଟ ବିରେନ୍ଦ୍ର ସେହ୍ୱାଗଙ୍କୁ ପିଟିଛନ୍ତି। ଗାଙ୍ଗୁଲି ଆହୁରି କହିଛନ୍ତି, ମୁଁ ଅନିଲଙ୍କୁ ପଚାରିଲି, ମୁଥ ମାରିବା ଅର୍ଥ ଏହା ଥଟ୍ଟାରେ ନା ବାସ୍ତବରେ ଏମିତି ଘଟିଛି।

**କଣ କହିଛନ୍ତି କୁମ୍ବଲେ**

ଏହାର ଉତ୍ତରରେ ଅନିଲ କୁମ୍ବଲେ କହିଛନ୍ତି, ବିରେନ୍ଦ୍ର ସେହ୍ୱାଗ ଡ୍ରେସିଂ ରୁମକୁ ଆସିଥିଲେ ଏବଂ ଜନ ରାଇଟ ତାଙ୍କୁ କଲାର ଧରି କୋଣକୁ ଠେଲି ଦେଇଥିଲେ ଏବଂ ପରେ ତାଙ୍କୁ ଜୋରରେ ପିଟିଥିଲେ, କହିଥିଲେ ବର୍ତ୍ତମାନ ତୁମେ ଆଉ ଭାରତ ପାଇଁ ଖେଳିବ ନାହିଁ, କାରଣ ତୁମେ ମାରିଥିବା ସେହି ଗୋଟିଏ ସଟ୍ ଯୋଗୁଁ ଭାରତ ହାରି ଯାଇଥାନ୍ତା। ଗାଙ୍ଗୁଲି କହିଛନ୍ତି, ମୁଁ ଜନ ରାଇଟଙ୍କ ନିକଟକୁ ଯାଇ ତାଙ୍କୁ ପଚାରିଲି। ତୁମେ ସେହ୍ୱାଗକୁ ପିଟିଛ କି ? ଉତ୍ତର ହଁ ଥିଲା, ମୁଁ ମାରିଲି ମୁଁ ପଚାରିଲି ସେହ୍ୱାଗ ତୁମକୁ ପଛକୁ ଧକ୍କା ଦେଇଛି ଉତ୍ତରଟି ନାହିଁ।

ଏହା ପରେ ଯେତେବେଳେ ମୁଁ ହୋଟେଲକୁ ଫେରିଥିଲି, ମୁଁ ଯାଇ ସଚିନ ତେନ୍ଦୁଲକରଙ୍କୁ ଭେଟିଥିଲି । ତାଙ୍କୁ ପଚାରିଲେ, ଆପଣ ଜନ ରାଇଟ ସେହ୍ୱାଗଙ୍କୁ ପିଟିବା ବିଷୟରେ ଶୁଣିଛନ୍ତି କି ? ଏହାର ଉତ୍ତର ଆସିଲା ଓହ ହଁ, ଯେତେବେଳେ ଜନ ସେହ୍ୱାଗଙ୍କୁ ପିଟିଲେ, ମୁଁ ସେତେବେଳେ କୋଣରେ ଠିଆ ହୋଇ ନ ଥିଲି । ମୋ ଲଞ୍ଚ ଉପଭୋଗ କରୁଥିଲି।

# ହାତରେ ନୂଆ ଟାଟୁ କଲେ ରିଙ୍କୁ ସିଂ



**ନୂଆଦିଲ୍ଲୀ**

ନିକଟରେ ଟିମ ଇଣ୍ଡିଆର ଯୁବ ବ୍ୟାଟ୍ସମ୍ୟାନ ରିଙ୍କୁ ସିଂ ହାତରେ ଏକ ଟାଟୁ କରିଛନ୍ତି । ଏହି ଟାଟୁରେ ସେ ଗଡ୍‌ସ ପ୍ଲାନ୍ ଲେଖିଛନ୍ତି। ରିଙ୍କୁ କହିଛନ୍ତି, ଟାଟୁ ବିଷୟରେ ସବୁଠାରୁ ବିଶେଷ କଥା ହେଉଛି ଯେ ସେ ମାରିଥିବା ପାଞ୍ଚଟି ଛଅଟି ଉପରେ ଚିତ୍ରିତ କରାଯାଇଛି । ଭାରତରେ କ୍ରିକେଟ ବୋର୍ଡ ଅଫ କଣ୍ଟ୍ରୋଲ ରିଙ୍କୁଙ୍କ ଭିଡିଓ ଶେୟାର କରିଛି । ସେ ବର୍ତ୍ତମାନ ଟିମ ଇଣ୍ଡିଆ ସହିତ ଗାଲିଅରରେ ଅଛନ୍ତି। ବିସିସିଆଇ ରିଙ୍କୁଙ୍କ ଭିଡିଓକୁ ଏକ୍ସରେ ଶେୟାର କରିଛି । ରିଙ୍କୁ କହିଛନ୍ତି, ସମସ୍ତେ ଜାଣନ୍ତି ଯେ ମୁଁ ଗଡ୍‌ସ ପ୍ଲାନ୍‌ରେ ଚଳେ। ଟାଟୁରେ ଏକ ସୂର୍ଯ୍ୟ କରାଯାଇଛି। ଭିତରେ ଗଡ୍‌ସ ପ୍ଲାନ୍ ଲେଖାଯାଇଛି । ଏହା ସହିତ ରିଙ୍କୁ ମାରିଥିବା ପାଞ୍ଚଟି ଛଅଟି ମଧ୍ୟରୁ ଦୁଇଟି କଭରରେ ଥିଲା, ଦୁଇଟି ଆଗରେ ଏବଂ ଆଉ ଗୋଟିଏ ଏହା ତାଙ୍କ ଜୀବନକୁ ବଦଳାଇ ଦେଇଥିଲା। ଲୋକମାନେ ମୋତେ ଜାଣିବା ଆରମ୍ଭ କଲେ ସେଥିପାଇଁ ମୁଁ ଏହି ଟାଟୁ କରିଛି।

ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ପାଇଁ ଏକ ମ୍ୟାଚ୍‌ରେ ରିଙ୍କୁ ସିଂ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ସେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ କ୍ରମାଗତ ପାଞ୍ଚଟି ଛକା ମାରିଥିଲେ। ଯଶ ଦୟାଲଙ୍କ ଓଭରରେ ପାଞ୍ଚଟି ଛକା ମାରି ରିଙ୍କୁ ପ୍ରଶଂସକଙ୍କ ହୃଦୟ ଜିତିଥିଲେ । ରିଙ୍କୁଙ୍କ ଏହି ଇନିଂସ ବିଷୟରେ ବହୁ ଚର୍ଚ୍ଚା ହୋଇଥିଲା।

# ଲାଇଭ୍ ମ୍ୟାଚ୍ ସମୟରେ ରାଗିଗଲେ ଅଧିନାୟକ: ଅମ୍ପାୟାରଙ୍କ ସହ କଲେ ଝଗଡ଼ା



**ନୂଆଦିଲ୍ଲୀ**

ମହିଳା ଟି-୨୦ ବିଶ୍ୱକପରେ ଭାରତ ବନାମ ନ୍ୟୁଜିଲାଣ୍ଡ ମ୍ୟାଚରେ ଏକ ମଜାଦାର ଘଟଣା ଘଟିଛି । ଭାରତୀୟ ଅଧିନାୟକ ହରମାନପ୍ରୀତ କୌର ଅମ୍ପାୟାରଙ୍କ ସହ ଝଗଡା କରିଥିଲେ। ଏହି ମାମଲା କିୱି ବ୍ୟାଟ୍ସମ୍ୟାନ ଆମେଲିଆ କୌରଙ୍କ ସହ ଜଡିତ । ସେ ୧୪ ତମ ଓଭରରେ ଆଉଟ ହୋଇଥିଲେ ମଧ୍ୟ ଅମ୍ପାୟାରମାନେ ତାଙ୍କୁ ଆଉଟ୍ ଦେଇ ନ ଥିଲେ। ଏହି କାରଣରୁ, ହରମାନପ୍ରୀତ କ୍ରୋଧରେ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ, ଯେଉଁ କାରଣରୁ ମ୍ୟାଚ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା।

ଦୀପ୍ତି ଶର୍ମା ଚତୁର୍ଦ୍ଦଶ ଓଭରରେ ଭାରତ ପାଇଁ ବୋଲିଂ କରୁଥିଲେ ଏବଂ ଓଭରର ଶେଷ ବଲରେ ଆମେଲିଆ କୌର ଗୋଟିଏ ରନ ସ୍କୋର କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେ ଦ୍ୱିତୀୟ ରନ ସ୍କୋର କରିବାକୁ ଚେଷ୍ଟା କରୁଥିବାବେଳେ ହରମାନପ୍ରୀତ ୱିକେଟକିପର ରିଚା ଘୋଷଙ୍କ ନିକଟକୁ ବଲ ଫିଙ୍ଗିଥିଲେ। ରିଚା ତରନ୍ତ ଷ୍ଟମ୍ପ୍‌ରେ ବଲ୍ ମାରିଥିଲେ। ଭାରତ ରନ ଆଉଟ ସେଲିବ୍ରେଶନ ପାଳନ କରୁଥିବାବେଳେ କୌର ମଧ୍ୟ ପାଭିଲିୟନକୁ ଫେରିବା ଆରମ୍ଭ କରିଥିଲେ, କିନ୍ତୁ ପରେ ଅମ୍ପାୟାର କୌରଙ୍କୁ ଡାକିଥିଲେ।

ହରମାନପ୍ରୀତ ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ । ତେଣୁ ସେ କ୍ରୋଧରେ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ। ଅନ୍ୟପକ୍ଷରେ ଟିମ ଇଣ୍ଡିଆର ମୁଖ୍ୟ କୋଚ ଅମୁଲ ମଜୁମଦାର ମଧ୍ୟ କଣ ଚାଲିଛି ସେ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଭାରତର ଅଧିନାୟକ ହରମାନପ୍ରୀତ, ଉପ-ଅଧିନାୟକ ସ୍ମୃତି ମନ୍ଧନା ଏବଂ କୋଚ ମଧ୍ୟ ଏହି ପ୍ରସଙ୍ଗରେ ତୃତୀୟ ଅମ୍ପାୟାରଙ୍କ ସହ କଥାବାର୍ତ୍ତା ହୋଇଥିବା ଦେଖିବାକୁ ମିଳିଥିଲା।

# ଟିମ୍ ଇଣ୍ଡିଆର ଲଜ୍ଜାଜନକ ରେକର୍ଡ: ସବୁଠୁ ବଡ଼ ପରାଜୟ



**ନୂଆଦିଲ୍ଲୀ**

ମହିଳା ଟି-୨୦ ବିଶ୍ୱକପ ୨୦୨୪ର ପ୍ରଥମ ମ୍ୟାଚରେ ଭାରତକୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି ।ନ୍ୟୁଜିଲାଣ୍ଡ ଭାରତକୁ ୫୮ ରନରେ ପରାସ୍ତ କରିଛି । ଏହି ପରାଜୟ ସହିତ ଭାରତ ନାମରେ ଏକ ଅଲୋଡା ରେକର୍ଡ ପଞ୍ଜିକୃତ ହୋଇଥିଲା। ଟି -୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରରନ୍ ଏହା ଭାରତ ମହିଳା ଦଳର ସବୁଠାରୁ ବଡ଼ ପରାଜୟ। ଯଦି ସାମଗ୍ରିକ ଭାବେ ଦେଖାଯାଏ, ଏହା ଦ୍ୱିତୀୟ ବୃହତ୍ତମ ପରାଜୟ।

ମହିଳା ଟି-୨୦ ବିଶ୍ୱକପରେ ରନ ଦୃଷ୍ଟିରୁ ଭାରତର ସବୁଠାରୁ ବଡ ପରାଜୟ ଅଷ୍ଟ୍ରେଲିଆ ବିପକ୍ଷରେ ହୋଇଥିଲା। ୨୦୨୦ ଫାଇନାଲରେ ଅଷ୍ଟ୍ରେଲିଆ ଟିମ ଇଣ୍ଡିଆକୁ ୮୫ ରନ୍‌ରେ ପରାସ୍ତ କରିଛି। ଏବେ ନ୍ୟୁଜିଲାଣ୍ଡ ବିପକ୍ଷରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ଏହା ଥିଲା ଦ୍ୱିତୀୟ ବୃହତ୍ତମ ପରାଜୟ । ୨୦୦୯ରେ ଟ୍ରେଣ୍ଟ ବ୍ରିଜରେ ଖେଳାଯାଇଥିବା ମ୍ୟାଚରେ ଟିମ ଇଣ୍ଡିଆ ନ୍ୟୁଜିଲାଣ୍ଡ ଦ୍ୱାରା ୫୨ ରନ୍‌ରେ ପରାସ୍ତ ହୋଇଥିଲା। ବର୍ତ୍ତମାନ ଏହା ହେଉଛି ତାଙ୍କର ତୃତୀୟ ବୃହତ୍ତମ ପରାଜୟ।

ଭାରତ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରୁଥିବାବେଳେ ନ୍ୟୁଜିଲାଣ୍ଡ ୧୬୦ ରନ ସଂଗ୍ରହ କରିଥିଲା। ଅଧିନାୟକ ସୋଫି ଡିଭାଇନ ଏକ ଦୃଢ ପ୍ରଦର୍ଶନ କରିଥିଲେ। ସେ ୫୭ ଅପରାଜିତ ରନ ସ୍କୋର କରିଥିଲେ । ଏହାର ଜବାବରେ ଟିମ ଇଣ୍ଡିଆ ୧୦୨ ରନ ସ୍କୋରରେ ଆଉଟ ହୋଇଥିଲା। କ୍ୟାପଟେନ ହରମାନପ୍ରୀତ ଭାରତ ପାଇଁ ସର୍ବାଧିକ ୧୫ ରନ ସଂଗ୍ରହ କରିଥିଲେ।

ମହିଳା ଟି-୨୦ ବିଶ୍ୱକପ ୨୦୨୪ରେ ଭାରତର ପରବର୍ତ୍ତୀ ମ୍ୟାଚ ପାକିସ୍ତାନ ବିପକ୍ଷରେ ରବିବାର ଖେଳାଯିବ।

# ମହିଳା ଟି ୨୦ ବିଶ୍ୱକପରେ ଦୁର୍ଘଟଣା, ଗୁରୁତର ଆହତ ହେଲେ ଖେଳାଳି

**ନୂଆଦିଲ୍ଲୀ**

ଶୁକ୍ରବାର ୱେଷ୍ଟଇଣ୍ଡିଜ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଆଇସିସି ମହିଳା ଟି -୨୦ ବିଶ୍ୱକପର ତୃତୀୟ ମ୍ୟାଚରେ ଏକ ଦୁର୍ଘଟଣା ଘଟିଛି । ଦକ୍ଷିଣ ଆଫ୍ରିକା ବିପକ୍ଷ ଖେଳ ସମୟରେ ଅଲରାଉଣ୍ଡର ଜୈଦା ଜେମ୍ସଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ବୋଲିଂ ବେଳେ ଜୈଦା ଆଗରୁ ଆସୁଥିବା ଏକ ଶକ୍ତିଶାଳୀ ସଟ୍‌କୁ ଅଟକାଇବାରେ ବିଫଳ ହୋଇଥିଲେ ଏବଂ ବଲ ତାଙ୍କ ମୁହଁର ତଳ ଭାଗରେ ସିଧାସଳଖ ଆଘାତ କରିଥିଲା। ଜୈଦା ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସଙ୍ଗେ ସଙ୍ଗେ ତାଙ୍କୁ ପଡ଼ିଆ ବାହାରକୁ ନିଆଯାଇଥିଲା।



ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ଟି -୨୦ ବିଶ୍ୱକପ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ଦଳ ୬ ୱିକେଟରେ ୧୧୮ରନ ସଂଗ୍ରହ କରିଛି । ଦକ୍ଷିଣ ଆଫ୍ରିକା ଦଳ ୧୭.୫ ଓଭରରେ ବିନା କୌଣସି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିବା ସହ ବିଜୟ ହାସଲ କରିଥିଲେ। ମ୍ୟାଚ ସମୟରେ କେବଳ ୱେଷ୍ଟଇଣ୍ଡିଜ ଦଳକୁ ପରାଜୟର ସାମ୍ନା କରିବାକୁ ପଡି ନାହିଁ ବରଂ ଆହତ କାରଣରୁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ମଧ୍ୟ ଆଉଟ ବାହାରି ଯାଇଛନ୍ତି।

ୱେଷ୍ଟଇଣ୍ଡିଜ ଖେଳାଳି ଜୈଦ ଜେମ୍ସ ଟୁର୍ଣ୍ଣାମେଣ୍ଟରେ ଚାହୁଁଥିବା ଆରମ୍ଭ ପାଇନଥିଲେ । କାରଣ ଖେଳରେ ତାଙ୍କର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା। ସେ କୌଣସି ପ୍ରଭାବ ପକାଇବା ପୂର୍ବରୁ ତାଙ୍କୁ ପଡ଼ିଆରୁ ନିଆଯାଇଥିଲା ଏବଂ ପୁନର୍ବାର ଖେଳରେ ଅଂଶଗ୍ରହଣ କରିନଥିଲେ । ଜୈଦା ପଡ଼ିଆ ବାହାରକୁ ଯିବା ହେତୁ ଦଳ ଗୋଟିଏ ବୋଲରଙ୍କୁ ହରାଇଥିଲା। ତାଙ୍କୁ ଶୀଘ୍ର ଆକ୍ରମଣରେ ଅଣାଯାଇଥିଲା ଏବଂ ସେ ବୋଲିଂ କରିଥିବା ପ୍ରଥମ ବଲ ସହିତ ଖେଳ ଶେଷ ହୋଇଥିଲା।

# ସର୍ଭେରେ ଖୁଲାସା : କିଏ ଆଇପିଏଲର ସବୁଠାରୁ ଲୋକପ୍ରିୟ ଟିମ୍

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ରେ, ପ୍ରତ୍ୟେକ ଦଳର ପ୍ରଶଂସକମାନେ ସେମାନଙ୍କ ଦଳକୁ ସବୁଠାରୁ ଲୋକପ୍ରିୟ ବୋଲି ବିବେଚନା କରନ୍ତି, କିନ୍ତୁ ନିକଟରେ ହୋଇଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ କ୍ରୀଡ଼ାପ୍ରେମୀଙ୍କୁ କେଉଁ ଦଳ ଅଧିକ ପସନ୍ଦ ଆସିଛି । ପ୍ରତ୍ୟେକ ଆଇପିଏଲ ଦଳ ସୋସିଆଲ ମିଡିଆରେ ଏବଂ ଷ୍ଟାଡିୟମରେ ଏକ ବିରାଟ ପ୍ରଶଂସକ ଅଛନ୍ତି, କିନ୍ତୁ ପ୍ରକୃତରେ କେଉଁ ଦଳ ଶୀର୍ଷରେ ଅଛି ତାହା ଜାଣିବା ପାଇଁ ଓରମାକ୍ସ ସ୍ପୋର୍ଟସ ଅଡିଆନ୍ସ ଏକ ସର୍ଭେ କରିଥିଲା। ରିପୋର୍ଟ ଅନୁଯାୟୀ, ଭାରତରେ ସମୁଦାୟ ୬୭.୮ କୋଟି କ୍ରୀଡ଼ାପ୍ରେମୀ ଅଛନ୍ତି ଏବଂ ଏହି ସର୍ଭେ ଆଧାରରେ ସବୁଠାରୁ ଲୋକପ୍ରିୟ ଆଇପିଏଲ ଦଳ ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ, ସବୁଠାରୁ ଲୋକପ୍ରିୟ ଦଳ ହେଉଛି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)। ଏହି ଦଳକୁ ୧୮% କ୍ରୀଡା ଦର୍ଶକ ସେମାନଙ୍କର ପ୍ରିୟ ଦଳ ଭାବରେ ବିବେଚନା କରିଛନ୍ତି । ସେହିପରି ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୧୬% ସହ ଦ୍ୱିତୀୟ ସ୍ଥାନରେ ରହିଛି। ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ୧୩% ସହ ତୃତୀୟ ସ୍ଥାନରେ ଅଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
A-370
Notice Invitation of Tenders
e-Procurement Notice No.- 06 / 2024-25 on dated 27.09.2024
E-mail Id: eenidnimapara@gmail.com
****

1. Type of Works: - River Embankment, Canal, Saline Embankment Works
2. Total No. of Works: - 23 (Twenty Three) Nos.
3. Estimated Cost: - Varies from Rs. 8.50 to Rs. 42.34 Lakhs
4. Period of Completion: - 90 to 120 days

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids on line. |
|---|---|---|---|
| Superintending Engineer, Nimapara Irrigation Division, Nimapara | NID- 104 / 2024-25 to NID- 126 / 2024-25 | Rs. 8.50 to Rs. 42.34 | From 08.10.2024 10.00 A.M. to 17.10.2024 5.30 P.M. |

Date of opening of the Bid: - 18.10.2024 at 11.00 A.M.
Further details can be seen from the Govt. Website www.tendersodisha.gov.in

Superintending Engineer,
Nimapara Irrigation Division
Nimapara
OIPR : 32097/11/0010/2425

OFFICE OF THE SUPERINTENDING ENGINEER,
BETNOTI CANAL DIVISION, LAXMIPOSI,
AT/PO: - LAXMIPOSI, DIST: -MAYURBHANJ.
A-381
Email ID-eebcd.laxmiposi@gmail.com

Bid Identification No. 02/ 2024-25 of S.E. Betnoti Canal Division, Laxmiposi

| | | |
|---|---|---|
| 1 | Name of Work | Survey & Investigation works and Electrical works |
| 2 | Total No of Projects | 7 Nos. of individual works |
| 3 | Estimated Cost of individual works | Varies from Rs.246242/- to Rs.465059/- (Excluding G.S.T.) |
| 4 | Period of Completion | 01(One) Calendar Month |
| 5 | Bid Identification No | 02/ 2024-25 of S.E, Betnoti Canal Division, Laxmiposi |
| 6 | Class of Contractor | Registered firm for survey and investigation works / Engineering consultancy of State Government & Central Government for Sl. No. 1 to 3 and HT Electrical License Holder of State Government & Central Government for Sl. No. 4 to 7 of above Bid identification. |
| 7 | Date & Time of sale & receipt of bid documents in the O/O S.E. Betnoti Canal Division, Laxmiposi | Dt.08.10.2024 at 10:00 AM to Dt.21.10.2024 up to 5.0P.M. |
| 8 | Date of Opening of Bid | Dt.22.10.2024 at 11:30 AM in the O/O S.E. Betnoti Canal Division, Laxmiposi |
| 9 | Name & Address of the O.I. T | Superintending Engineer, Betnoti Canal Division, Laxmiposi |

OIPR : 32272/11/0003/2425
Superintending Engineer,
Betnoti Canal Division, Laxmiposi

RNI Regd. No. : 52640/94
Postal Regd. No. : BN/60/22-24


## ୬ ଜଣଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୪ ପ୍ରଦାନ

# ପ୍ରାଣନାଥଙ୍କ ଜୀବନ ସେବା ଓ ସଂଗ୍ରାମ ପାଇଁ ସମର୍ପିତ ଥିଲା : ରାଜ୍ୟପାଳ

**ଭୁବନେଶ୍ୱର, ୫/୧୦ ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଜୟଦେବ ଭବନ ଠାରେ ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ସନ୍ଧ୍ୟା ଓ ପ୍ରାଣନାଥ ସମ୍ମାନ-୨୦୨୪ ପ୍ରଦାନ ସମାରୋହକୁ ସଂଯୋଜକ ଡ଼ ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନା ଓ ପ୍ରାଣନାଥ ସ୍ମୃତି ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଓ ଉଦ୍‌ଘାଟକ ଭାବେ ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ, ବରଣ୍ୟ ଅତିଥି ଭାବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ବିଚାରପତି ବିଶ୍ୱନାଥ ରଥ, 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମୁଖ୍ୟବକ୍ତା ଭାବେ ପ୍ରତିଷ୍ଠାତା, ଅଧ୍ୟକ୍ଷ



ଆମ ଓଡ଼ିଆ ଓ ସମ୍ବାଦ'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ସଭାପତି ଭାବେ ଲୋକ ସେବକ ମଣ୍ଡଳ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ନୂଆଦିଲ୍ଲୀ ଦୀପକ ମାଲବ୍ୟ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଦେଶପ୍ରେମ, ଗରିବ, କୃଷକ, ଚାଷୀ ତଥା ବିଶିଷ୍ଟ ଶିକ୍ଷାବିତ, ସାମ୍ୟବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା, ସଂଗଠକ, ଉଜ୍ୱଳ ବିଧାୟକ ବୋଲି ମତବ୍ୟକ୍ତ କରିଥିଲେ। ମହାମହିମ ରାଜ୍ୟପାଳ କହିଥିଲେ ଯେ ସେ ନିଜେ ଥିଲେ ଏକ ଅନୁଷ୍ଠାନ। ତାଙ୍କ ସେବା, ତ୍ୟାଗ ଆଗାମୀ ପିଢ଼ି ପାଇଁ ପ୍ରେରଣା ଯୋଗାଇବ। ମୁଖ୍ୟବକ୍ତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ସଭାପତି ଦୀପକ ମାଲବ୍ୟ ମତବ୍ୟକ୍ତ କରିଥିଲେ ଯେ, ପ୍ରାଣନାଥ ଥିଲେ ସାମ୍ୟବାଦ, ସମାଜସେବା, ସାମ୍ବାଦିକତାର ମୂର୍ତ୍ତିମନ୍ତ ପ୍ରତୀକ। ନେତୃତ୍ୱ ଓ ପ୍ରତିରୋଧ କରିବାର ସାହସ ତାଙ୍କୁ ସ୍ୱତନ୍ତ୍ର ଭାବେ ଚିତ୍ରଣ କରିଥିଲା। ତାଙ୍କ ପରି ବ୍ୟକ୍ତିତ୍ୱଙ୍କ ସ୍ମୃତି ଚାରଣ କରିବା ପାଇଁ ଆମର ଯୋଗ୍ୟତା ଅଛି କି ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଦିଲୀପ ହାଲି ଓ କାର୍ଯ୍ୟକାରୀ ସଭାପତି ଡ଼. ଅର୍ଚ୍ଚନା ନାୟକ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ଦେବା ସହ ତାଙ୍କ ଆଦର୍ଶରେ ଯୁବପିଢ଼ି ଆଗେଇ ଆସିବା ପାଇଁ କହିଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଗବେଷକ ନୃସିଂହ ଚରଣ ସାହୁ, ସାମ୍ବାଦିକତା, ପୂଜ୍ୟ ପୂଜା ତଥା ଓଡ଼ିଆ ଭାଷା ପାଇଁ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି, ବିଶିଷ୍ଟ ସମାଜସେବୀ ଡ଼. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଅଭିନୟ ପାଇଁ ନେଇନା ଦାସ, ସଂଗୀତ ପାଇଁ ଡ଼ ଅନୁସୂୟା ନାଥ, ଚିତ୍ର ଶିଳ୍ପ ପାଇଁ ସମୀର କୁମାର ରାଉତଙ୍କୁ 'ପ୍ରାଣନାଥ ସ୍ମୃତି ସମ୍ମାନ ୨୦୨୪'ପ୍ରଦାନ କରାଯାଇଥିଲା ବୋଲି ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ କହିଛନ୍ତି।




**ଭୁବନେଶ୍ୱର : ଜୟଦେବ ଭବନରେ ଆୟୋଜିତ ସହିଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହିଦଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)**

## ଆରଆଇ, ଅମିନ ପରୀକ୍ଷାରେ ଅନିୟମିତତା

# ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ ମାଗିଲେ ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୫/୧୦ ନ୍ୟୁଜ ବ୍ୟୁରୋ**

ଆରଆଇ, ଅମିନ ପରୀକ୍ଷାରେ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କଲେ ରାଜସ୍ୱ ମନ୍ତ୍ରୀ। ବିଭ୍ରାଟ ନେଇ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ରିପୋର୍ଟ ମାଗିଛନ୍ତି। ଅନିୟମିତତା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଏହାର ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ମନ୍ତ୍ରୀ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରିଛି। ଆମ ପାଖରେ ଯେଉଁ ଅଭିଯୋଗ ହସ୍ତଗତ ହୋଇଛି ମୋତେ ଲାଗୁଛି ପରୀକ୍ଷା ପାଇଁ ଏହା ଅନୁକୂଳ ପ୍ରକ୍ରିୟା ନୁହଁ। ସରକାର ଅନୁଧ୍ୟାନ କରି ବ୍ଲାକ ଲିଷ୍ଟେଡ଼ ହୋଇଥିଲେ ଉକ୍ତ ସଂସ୍ଥାକୁ ପରୀକ୍ଷାରୁ ମୁକ୍ତ କରାଯିବ। ତ୍ରୁଟି ବିଚ୍ୟୁତି କେତେ ପରିମାଣର ହୋଇଛି ଏହା ଫଳାଫଳକୁ କେତେ ପ୍ରଭାବ ପକାଇବ ତାକୁ ଅନୁଧ୍ୟାନ କରି ସରକାର ନିଷ୍ପତ୍ତି ନେବେ। ଏହାର ସମାଧାନ ପାଇଁ ସମସ୍ତ ଦ୍ୱାର ଖୋଲା ଅଛି। ପରୀକ୍ଷା ସବୁବେଳେ ତ୍ରୁଟି ଶୂନ୍ୟ ହେବା କଥା। ଉଚିତ ସ୍ଥାନରେ ପରୀକ୍ଷା ହେଉନଥିବା ଛାତ୍ର ଛାତ୍ରୀ ଅଭିଯୋଗ କରିଛନ୍ତି। ପରୀକ୍ଷାରେ ଅବ୍ୟବସ୍ଥା ଅଭିଯୋଗ ମୋ ପାଖକୁ ଆସିଛି। ଆରଆଇ ଅମିନ ପରୀକ୍ଷା ରାଜସ୍ୱ ବିଭାଗ ନୁହେଁ ଓଏସ୍ଏସ୍ଏସ୍ସି କରେ। ଜଣେ ଥାର୍ଡ଼ ପାର୍ଟିକୁ ଷ୍ଟାଫ ସିଲେକ୍ସନ ବୋର୍ଡ ଆଉଟସୋର୍ସିଂ କରିଥିବା ଖବର ଆସୁଛି। ସେହି କମ୍ପାନୀର ବିଶ୍ୱସନୀୟତାକୁ ନେଇ ବି ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ ଆରଆଇ, ଅମିନ ପରୀକ୍ଷାରେ ଅନିୟମିତା ନେଇ ରାଜ୍ୟ ସାରା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପରୀକ୍ଷାରେ ଘୋର ଅବ୍ୟବସ୍ଥା ଦେଖା ଦେଇଛି। ଯେଉଁ ସେଣ୍ଟରରେ ପରୀକ୍ଷା କରାଯାଇଛି, ସେଥିରେ ଅଧିକାଂଶ ସେଣ୍ଟରରେ ପରୀକ୍ଷା ଆୟୋଜନ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ନ ଥିବା ଦେଖିବାକୁ ମିଳିଥିଲା।

# କୁଆଖାଇ ନଦୀପଠାରେ ବୁଲୁଛି କୁମ୍ଭୀର

**ଭୁବନେଶ୍ୱର, ୫/୧୦ ନ୍ୟୁଜ ବ୍ୟୁରୋ**

କୁଆଖାଇ ନଦୀର ବାଲିଯାତ୍ରା ପଡିଆ ନିକଟରେ ବୁଲୁଛି କୁମ୍ଭୀର। ଶନିବାର ଏ ଦୃଶ୍ୟ ଦେଖିବାକୁ ମିଳିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ମଞ୍ଚେଶ୍ୱର ନିକଟ କୁଆଖାଇ ନଦୀରେ ଶନିବାର କିଛି



ଲୋକ ଗାଧୋଇବା ସମୟରେ କୁମ୍ଭୀର ନଦୀପଠାରେ ଶୋଇଥିବା ଦେଖିବାକୁ ପାଇଥିଲେ । ଏହି ଖବର ବିଜୁଳି ବେଗରେ ଚାରିଆଡେ ଖେଳିଯିବା ପରେ କୁମ୍ଭୀର ନଦୀପଠାରେ ଶୋଇଥିବାର ଦୃଶ୍ୟକୁ ନିଜ ମୋବାଇଲରେ ରେକର୍ଡ କରିଥିଲେ ସ୍ଥାନୀୟବାସିନ୍ଦା। ଏହାପରେ ନଦୀକୂଳିଆ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ରାବଣପୋଡ଼ି ଉତ୍ସବରେ ହେବନି ବାଣ ପ୍ରତିଯୋଗିତା : ହାଇକୋର୍ଟ

## କନେଷ୍ଟବଳ ନିଯୁକ୍ତିରେ ବୟସସୀମା କୋହଳ ପ୍ରସଙ୍ଗରେ ମିଳିଲା ଆଶ୍ୱସ୍ତି

**କଟକ, ୦୫/୧୦ ନ୍ୟୁଜ ବ୍ୟୁରୋ**

ସିଲିଭର ସିଟିରେ ବାଣ ପ୍ରତିଯୋଗିତା ଉପରେ ରୋକ ଲଗାଇଛନ୍ତି ହାଇକୋର୍ଟ । ବିଶେଷକରି ରାବଣପୋଡ଼ିରେ ବାଣ ପ୍ରତିଯୋଗିତା ହେବନାହିଁ ବୋଲି ହାଇକୋର୍ଟ କଟକଣା ଜାରି କରିଛନ୍ତି। ରାବଣପୋଡି ଆୟୋଜନକୁ ଅନୁମତି ମିଳିଛି, ମାତ୍ର ପରିବେଶ ପ୍ରଦୂଷଣ କରୁଥିବା ବାଣ କୌଣସି ମତେ ବ୍ୟବହାର କରାଯାଇ ପାରିବନାହିଁ ବୋଲି କୋର୍ଟ ଶନିବାର ସ୍ପଷ୍ଟ କରିଛନ୍ତି । ଏଥର କେବଳ ସବୁଜ ବାଣ, ପ୍ରତିଯୋଗିତା ମନା। ବଡ଼କଥା ହେଉଛି ସଂସ୍କୃତି ଓ ପରମ୍ପରା ରକ୍ଷା ପାଇଁ ରାବଣପୋଡିରେ ଯେତିକି ବାଣ ବ୍ୟବହାର ହେବ, ତାହା କେବଳ ସବୁଜ ବାଣ ହେବା ଜରୁରୀ ବୋଲି କୋର୍ଟ କହିଛନ୍ତି । ଏହା ସହ ରାବଣପୋଡି ସମୟରେ ଆୟୋଜକଙ୍କୁ କାର୍ଯ୍ୟକ୍ରମ ସ୍ଥଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପରିବେଶ ଅନୁକୂଳ ରଙ୍ଗୀନ ବାଣ



ବ୍ୟବହାର ପାଇଁ ଆଡଭୋକେଟ କମିଟି ପ୍ରସ୍ତାବ ଦେଇଛନ୍ତି । କେବଳ ସେତିକି ନୁହେଁ, ବରଂ ରାବଣପୋଡ଼ି ପାଇଁ ବାଲିଯାତ୍ରା ତଳପଡ଼ିଆରେ ସମସ୍ତ ପ୍ରକାରର ବ୍ୟବସ୍ଥା ୧୦ ତାରିଖ ସୁଦ୍ଧା ଯୋଗାଇବା ପାଇଁ କଟକ ମହାନଗର ନିଗମ (ସିଏମସି) କର୍ତ୍ତୃପକ୍ଷ ଓ କଟକ ଜିଲ୍ଲା ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କଟକ ସ୍ୱଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିବର୍ଷ ଏହି ରାବଣପୋଡି ଉତ୍ସବ ପାଳନ କରଯାଇ ଆସୁଛି । ଏଥିରେ ମାତ୍ରାଧିକ ବାଣ ବ୍ୟବହାର କରାଯାଏ । କିଛି କ୍ଷେତ୍ରରେ ଆତସବାଜିରେ ମଧ୍ୟ ପ୍ରତିଯୋଗିତା ଦେଖିବାକୁ ମିଳେ । ଯାହା ପରିବେଶ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରେ । ଚଳିତ ବର୍ଷ ପରିବେଶ ସୁରକ୍ଷା, ପ୍ରଦୂଷଣ ରୋକାଯିବା ଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଲୋକଙ୍କ ସୁରକ୍ଷା ସମେତ ଅନ୍ୟ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆୟୋଜନ ଉପରେ ଏକାଧିକ କଟକଣା ଜାରି କରିଛନ୍ତି ।

ସେହିପରି କନେଷ୍ଟବଳ ନିଯୁକ୍ତିରେ ବୟସସୀମା କୋହଳ ପ୍ରସଙ୍ଗରେ ହାଇକୋର୍ଟରେ ଶୁଣାଣି ହୋଇଛି । ଏହି ମାମଲାରେ ଆବେଦନାକାରୀଙ୍କୁ ଆଶ୍ୱସ୍ତି ଦେଇଛନ୍ତି ହାଇକୋର୍ଟ । ମାମଲା ଦାୟର କରିଥିବା ସମସ୍ତ ଆବେଦନାକାରୀଙ୍କୁ ଅନଲାଇନ ଏବଂ ଅଫଲାଇନରେ ଆବେଦନ କରିବାକୁ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ। ସେମାନଙ୍କ ପରୀକ୍ଷା ଫଳ ପ୍ରକାଶନ ଉପରେ କୋର୍ଟ ଅଙ୍କୁଶ ଜାରି କରିଛନ୍ତି। ଓଡିଶା ପୋଲିସର ବିଭିନ୍ନ ବାଟାଲିୟନରେ ଖାଲିଥିବା ୧୩୬୦ ସିପାହୀ/କନଷ୍ଟେବଳ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏଥିରେ ଦର୍ଶଯାଇଥିବା ସର୍ବାଧିକ ବୟସସୀମାକୁ ନେଇ ବିବାଦ ଦେଖା ଦେଇଥିଲା । ପ୍ରତିବର୍ଷ ଖାଲି ପଡ଼ିଥିବା ପଦବୀ ଆଧାରରେ ନିଯୁକ୍ତି ପ୍ରକ୍ରିୟା କରାଯିବାର ନିୟମ ରହିଥିଲେ ବି ୨୦୧୮ ମସିହା ପରଠାରୁ ଆଉ ନିଯୁକ୍ତି କରାଯାଇନାହିଁ। ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ସର୍ବାଧିକ ବୟସସୀମା କୋହଳ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅନେକ ଆଶାୟୀ । କୋର୍ଟ ସେମାନଙ୍କ ଆବେଦନକୁ ଗ୍ରହଣ କରିବା ସହ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଶାୟୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଶାୟୀମାନେ ପରୀକ୍ଷା ଦେଇପାରିବେ। ଉଭୟ ଅନଲାଇନ ଏବଂ ଅଫ ଲାଇନ ପରୀକ୍ଷା ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିଯୁକ୍ତି ପ୍ରକ୍ରିୟା ଗତ ୬ ବର୍ଷ ଧରି ହୋଇନାହିଁ । ଯାହାକୁ ନେଇ ଆଶାୟୀମାନେ ନିରାଶ ହୋଇଥିଲେ । ମାତ୍ର ବୟସ କୋହଳ ନେଇ କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହା କିନ୍ତୁ ପରବର୍ତ୍ତୀ ନିର୍ଦ୍ଦେଶନାମା ଉପରେ ନିର୍ଭର କରିବ। କାରଣ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ କର୍ତ୍ତୃପକ୍ଷ ରେଜଲ୍ଟ ପ୍ରକାଶ କରିପାରିବେ ନାହିଁ। ଅର୍ଥାତ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫଳାଫଳ ଉପରେ ନିର୍ଭର କରିବ । ସେପ୍ଟେମ୍ବର ୨୩ ତାରଖରେ ଓଡ଼ିଶା ପୋଲିସର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ମୋଟ ୧୫୩୭ଟି ପୋଷ୍ଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାପରେ ଓଡ଼ିଶା ପୋଲିସର ବିଭିନ୍ନ ବାଟାଲିୟନରେ ଖାଲିଥିବା ସିପାହୀ / କନଷ୍ଟେବଳ (୧୩୬୦ ପଦବୀ) ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଯୋଗ୍ୟ ପ୍ରାର୍ଥୀମାନେ ଓଡ଼ିଶା ପୋଲିସ ୱେବସାଇଟ https://odishapolice.gov.inରେ ଅନଲାଇନ ମାଧ୍ୟମରେ ପଞ୍ଜିକରଣ ଓ ଆବେଦନ କରିପାରିବେ ।


କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ






ଫସଲ ପାଇଁ ସୁରକ୍ଷାର ବରଦାନ,
ପଲିସି ହାତରେ ପାଇଲା କୃଷକ
ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ
- 19.67 କୋଟି ଚାଷୀ ଭାଇ-ଭଉଣୀଙ୍କୁ ବର୍ତ୍ତମାନ ସୁଦ୍ଧା ମିଳିଛି ଫସଲ ବୀମାର ଲାଭ
- ₹1.65 ଲକ୍ଷ କୋଟି ଟଙ୍କାର ଦାବି ଚାଷୀମାନଙ୍କୁ ପଇଠ କରାଯାଇଛି
- 70 କୋଟିରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ ହୋଇଛି

ଦେଶବ୍ୟାପୀ ହେଲ୍ପଲାଇନ୍ 14447

ମୋ ପଲିସୀ ମୋ ହାତରେ
ମହା ଅଭିଯାନ
01 ଅକ୍ଟୋବର - 31 ଅକ୍ଟୋବର 2024

ଆପଣଙ୍କ ଗାଁରେ ହେଉଥିବା ଶିବିରରେ ଏହି ବିଷୟ ଉପରେ ସୂଚନା ପାଆନ୍ତୁ:
- ବୀମା ପଲିସୀ, ସରକାରୀ ନୀତି, ଭୂମି ଅଭିଲେଖ ଏବଂ ଦାବି ଓ ଅଭିଯୋଗ ନିବାରଣ
- ଚାଷୀଙ୍କ ପ୍ରଶିକ୍ଷଣ ପାଇଁ ଫସଲ ବୀମା ପାଠଶାଳା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବୀମା ଅଂଶୀଦାରୀ AIC Chola MS Future Generali HDFC ERGO ICICI Lombard Kshema Oriental Insurance Reliance General Insurance SBI general Universal Sompo General Insurance

ଯୋଜନା ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ
ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା | @PMFBY
ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ